

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୫ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 September 2026

Vol.No. 36 ■ No.252 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର୍, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ଜ୍ଞାନେଶ କୁମାରଙ୍କୁ ଘେରିଲେ ବିରୋଧୀ: ନିର୍ବାଚନ ଆୟୋଗ ବିଶ୍ୱାସ ହରାଇଥିବା ଅଭିଯୋଗ




ନୂଆଦିଲ୍ଲୀ,୨୪/୯ : ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ନେଇ ଖବର ପ୍ରସାରଣ ପରେ ଏବେ ବିରୋଧୀ ଦଳ ଆକ୍ଟିଭ୍ ହୋଇଛି । ପୂର୍ବରୁ ଏନେଇ ବିରୋଧୀ ଦଳମାନେ ଅଭିଯୋଗ କରିଆସୁଥିଲେ ବି କେହି ଏହା ଉପରେ ଗୁରୁତ୍ୱ ଦେଉ ନଥିଲେ । କିନ୍ତୁ ଜାତୀୟ ଗଣମାଧ୍ୟମରେ ଏନେଇ ଖବର ପ୍ରସାରଣ ପରେ ନିର୍ବାଚନ ଆୟୋଗ ବିଶ୍ୱାସ ହରାଇଥିବା ବିରୋଧୀଦଳମାନେ ଅଭିଯୋଗ କରିଛନ୍ତି । କଂଗ୍ରେସ ନେତା ପୃଥ୍ୱୀରାଜ ଚଭାନ ନିର୍ବାଚନ କମିଶନ ମାମଲାକୁ ନେଇ କହିଛନ୍ତି, "ମୋତେ ଲାଗୁଛି, ଗତ ୧୨ ବର୍ଷ ମଧ୍ୟରେ ମୋଦୀ ସରକାର ବିରୋଧରେ ଆସିଥିବା ସବୁଠାରୁ ଗମ୍ଭୀର ଖବର ମଧ୍ୟରୁ ଏହା ଅନ୍ୟତମ । ଏହାକୁ ଗମ୍ଭୀରତାର ସହ ନିଆଯିବା ଉଚିତ। ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ଏଥିରେ ୩ ଜଣ ସଦସ୍ୟ ରହିଛନ୍ତି। ଜଣେ ଅଧ୍ୟକ୍ଷ ଏବଂ ଅନ୍ୟ ଦୁଇଜଣ ସଦସ୍ୟ; ସମସ୍ତଙ୍କ ଅଧିକାର ସମାନ। ଆଇନ ଅନୁସାରେ ନିର୍ବାଚନ କମିଶନ ସାଧାରଣତଃ ସର୍ବସମ୍ମତିରେ ନିଷ୍ପତ୍ତି ନେବା ଉଚିତ। କିନ୍ତୁ ଯଦି ସହମତି ହୋଇନପାରେ, ତେବେ ବହୁମତ ଆଧାରରେ ନିଷ୍ପତ୍ତି ନିଆଯିବା ଉଚିତ।" ନିର୍ବାଚନ କମିଶନ ଏସଆଇଆର ମାମଲାରେ ବିବାଦ ମଧ୍ୟରେ ଫସିଥିବା ଭଳି ଦେଖାଯାଉଛି। ଏହି ମାମଲାରେ କଂଗ୍ରେସ ନେତା ଶଶି ଥରୁର ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, "ନିର୍ବାଚନୀ ସଂସ୍ଥାଗୁଡ଼ିକର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଠାଯାଇଥିବା ପ୍ରଶ୍ନଗୁଡ଼ିକୁ ସାର୍ବଜନୀନ ରେକର୍ଡରେ ରଖାଯିବା ଉଚିତ ଏବଂ ସେଗୁଡ଼ିକର ଉତ୍ତର ସ୍ୱଚ୍ଛତାର ସହ ଦିଆଯିବା ଉଚିତ।"କଂଗ୍ରେସ ମହାସଚିବ ଜୟରାମ ରମେଶ କହିଛନ୍ତି, "ମୁଖ୍ୟ ନିର୍ବାଚନ କମିଶନର ନିର୍ବାଚନ କମିଶନର ବିଶ୍ୱସନୀୟତା ଏବଂ ସଚ୍ଚୋଟତାକୁ ନଷ୍ଟ କରିଦେଇଛନ୍ତି।"ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପେଶ ବଘେଲ କହିଛନ୍ତି, "କ୍ରମାଗତ ଭାବେ ନିର୍ବାଚନ କମିଶନ ଉପରେ ପ୍ରଶ୍ନ ଉଠୁଥିଲା। ସାରା ବିଶ୍ୱରେ ନିର୍ବାଚନ କମିଶନର ଏକ ପ୍ରତିଷ୍ଠା ଥିଲା, କିନ୍ତୁ ଏମାନେ ନିଜ କାର୍ଯ୍ୟକଳାପ ଯୋଗୁଁ ନିଜର ସମ୍ପୂର୍ଣ୍ଣ ଛବିକୁ ଖରାପ କରିଦେଇଛନ୍ତି। ରାହୁଲ ଗାନ୍ଧୀ କ୍ରମାଗତ ଭାବେ ଏହି ପ୍ରସଙ୍ଗ ଉଠାଉଛନ୍ତି। ଯେଉଁ ଯେଉଁ ସ୍ଥାନରେ ଜ୍ଞାନେଶ କୁମାର ନିର୍ବାଚନ କରାଇଛନ୍ତି, ସେଠାରେ ନିର୍ବାଚନ ବାତିଲ କରାଯାଇ ପୁଣିଥରେ ନିର୍ବାଚନ ହେବା ଉଚିତ।"

## ଜ୍ଞାନେଶ କୁମାରଙ୍କୁ ସିଜେପିର ଅଲଟିମେଟମ: ୪୮ ଘଣ୍ଟା ଭିତରେ ଇସ୍ତଫା ଦିଅ



ନୂଆଦିଲ୍ଲୀ,୨୪/୯ : ଅଡୁଆରେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର। ତାଙ୍କ ଇସ୍ତଫା ଦାବି କରି ଦେଶବ୍ୟାପୀ ଆନ୍ଦୋଳନର ଧମକ ଦେଇଛି କକ୍ରୋଚ ଜନତା ପାର୍ଟି ବା ସିଜେପି। ଆଜି ଜ୍ଞାନେଶ କୁମାରଙ୍କୁ ଇସ୍ତଫା ଦେବାକୁ ୪୮ ଘଣ୍ଟାର ସମୟ ଦେଇଛି ସିଜେପି। ଯଦି ୪୮ ଘଣ୍ଟା ମଧ୍ୟରେ ଜ୍ଞାନେଶ କୁମାର ନିଜ ପଦ ନଛାଡ଼ିବେ, ତା'ହେଲେ ସିଜେପି ପକ୍ଷରୁ ସମଗ୍ର ଦେଶରେ ଆନ୍ଦୋଳନ କରାଯିବ। ଏସ୍ଆଇଆର ଓ ବିଭିନ୍ନ ପ୍ରସଙ୍ଗରେ ଦେଶର ୩ ନିର୍ବାଚନ କମିଶନରଙ୍କ ମଧ୍ୟରେ ମତଭେଦ ଥିବା ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ପ୍ରକାଶ କରିବା ପରେ ସିଜେପି ଏପରି ଚେତାବନୀ ଦେଇଛି। ଏଥିସହ ଦେଶର ବିଭିନ୍ନ ସ୍ଥାନରେ ହେବାକୁ ଥିବା ବିଧାନସଭା ନିର୍ବାଚନଗୁଡ଼ିକୁ ସ୍ଥଗିତ ରଖିବାକୁ ମଧ୍ୟ ସିଜେପି ଆହ୍ୱାନ ଦେଇଛି। ସିଜେପି ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦୀପକେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ତାଙ୍କ ସଂଗଠନ ଦିଲ୍ଲୀ ଓ ଦେଶର ସବୁ ସ୍ଥାନରେ ଧାରଣାରେ ବସିବ।

◆◆ପୃଷ୍ଠା ୭

## ଆରୋଗ୍ୟ ମନ୍ଥନ ୨୦୨୬ ଆଜିଠାରୁ ଜେପି ନଡ୍ଡା କରିବେ ଉଦ୍ଘାଟନ

ନୂଆଦିଲ୍ଲୀ,୨୪/୯ : କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା ଶୁକ୍ରବାର ବିଜ୍ଞାନ ଭବନରେ ଆରୋଗ୍ୟ ମନ୍ଥନ ୨୦୨୬ର ଉଦ୍ଘାଟନ କରିବେ। ଏହି ଆୟୋଜନରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବିପିଏମ-ଜେଏୱାଇ )ର ଆଠ ବର୍ଷ ଏବଂ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ)ର ପାଂଚ ବର୍ଷ ପୂର୍ଣ୍ଣ ହେବାର ଉପଲବ୍ଧି ଉପରେ ଆଲୋଚନା ହେବ। ଆରୋଗ୍ୟ ମନ୍ଥନ ୨୦୨୬ ସମୟରେ ଡିଜିଟାଲ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟ ବୀମା ସହ ଜଡ଼ିତ ଅନେକ ନୂଆ ପଦକ୍ଷେପର ଶୁଭାରମ୍ଭ କରାଯିବ। ଏଥିରେ ସିକ୍ୟୁର ଡାଟା ଏନଭାୟରନମେଂଟ ପ୍ରମୁଖ। ଏହାର ଉଦ୍ଦେଶ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଡାଟାର ଦାୟିତ୍ୱପୂର୍ଣ୍ଣ ଏବଂ ସୁରକ୍ଷିତ ବ୍ୟବହାର ପାଇଁ ଉନ୍ନତ ଡିଜିଟାଲ ବ୍ୟବସ୍ଥା ପ୍ରସ୍ତୁତ କରିବା। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଜାରି ସୂଚନା ଅନୁଯାୟୀ ଏବିପିଏମ- ଜେ ଏୱାଇ ଅଧୀନରେ ୬୦ କୋଟିରୁ ଅଧିକ ହିତାଧିକାରୀଙ୍କୁ କଭର କରାଯାଇସାରିଛି। ଯୋଜନା ମାଧ୍ୟମରେ ଏପର୍ଯ୍ୟନ୍ତ ୧୩ କୋଟିରୁ ଅଧିକ ହସ୍ପିଟାଲରେ ଭର୍ତ୍ତି ସୁବିଧା ଉପଲବ୍ଧ କରାଯାଇଛି, ଯାହାର ମୋଟ ରାଶି ଦୁଇ ଲକ୍ଷ କୋଟି ଟଙ୍କାରୁ ଅଧିକ। ୭୦ ବର୍ଷ ଏବଂ ତାଠାରୁ ଅଧିକ ବୟସର ସମସ୍ତ ନାଗରିକଙ୍କୁ ଯୋଜନାର ପରିସରରେ ସାମିଲ କରାଯିବାରୁ ପ୍ରାୟ ଛଅ କୋଟି ଅତିରିକ୍ତ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ସୁରକ୍ଷାର ଲାଭ ପାଇଛନ୍ତି। ଏହି ବିସ୍ତାରର ଉଦ୍ଦେଶ୍ୟ ବୃଦ୍ଧମାନଙ୍କ ପାଇଁ ଚିକିତ୍ସା ଖର୍ଚ୍ଚକୁ ନେଇ ଆର୍ଥିକ ସୁରକ୍ଷାକୁ ମଜବୁତ କରିବା। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଅଧୀନରେ ମଧ୍ୟ ଡିଜିଟାଲ ସ୍ୱାସ୍ଥ୍ୟ ସେବାର ଦ୍ରୁତ ବିସ୍ତାର ହୋଇଛି। ଏପର୍ଯ୍ୟନ୍ତ ୯୭.୮ କୋଟିରୁ ଅଧିକ ଆୟୁଷ୍ମାନ ଭାରତ ହେଲ୍ଥ ଆକାଉଂଟ (ଆଭା) ତିଆରି କରାଯାଇଛି। ସେହିପରି, ୧୨୧ କୋଟିରୁ ଅଧିକ ସ୍ୱାସ୍ଥ୍ୟ ରେକର୍ଡ ଏହି ଡିଜିଟାଲ ଖାତାଗୁଡ଼ିକ ସହ ଯୋଡ଼ାଯାଇଛି। ଡିଜିଟାଲ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ୧୧ ଲକ୍ଷରୁ ଅଧିକ ସ୍ୱାସ୍ଥ୍ୟ ପେଶାଦାର ମଧ୍ୟ ଯୋଡ଼ି ହୋଇଛନ୍ତି। ଆରୋଗ୍ୟ ମନ୍ଥନ ୨୦୨୬ରେ ଏହି ଉପଲବ୍ଧି ସହିତ ଦେଶରେ ଡିଜିଟାଲ ସ୍ୱାସ୍ଥ୍ୟ ସେବାର ବିସ୍ତାର, ସ୍ୱାସ୍ଥ୍ୟ ଡାଟାର ସୁରକ୍ଷିତ ବ୍ୟବହାର ଏବଂ ନାଗରିକମାନଙ୍କ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁବିଧା ବଢ଼ାଇବା ସହ ଜଡ଼ିତ ପରବର୍ତ୍ତୀ ପର୍ଯ୍ୟାୟ ଉପରେ ମଧ୍ୟ ଆଲୋଚନା ହେବ।

## ତୃତୀୟ ଦିନରେ ବି ଚାଲିଲାନି ବିଧାନସଭା: ଏମ୍ଏମ୍ଡିଆର ଆଇନକୁ ନେଇ ହଟ୍ଟଗୋଳ, ୯ ଦିନରୁ ୩ ଦିନ ଗୃହକାର୍ଯ୍ୟ ପ୍ରଭାବିତ



ଭୁବନେଶ୍ୱର, ୨୪/୯ (ନି.ପ୍ର): ତୃତୀୟ ଦିନରେ ବି ସ୍ୱାଭାବିକ ହୋଇପାରିଲାନି ବିଧାନସଭା । ଏମ୍ଏମ୍ଡିଆର ଆଇନକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ଉପବାଚସ୍ପତି । ଗୃହ ଭିତରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ, ପୋଷ୍ଟର ଓ ବ୍ୟାନର ଧରି ପ୍ରତିବାଦ କରିଥିଲେ । ଗୃହକାର୍ଯ୍ୟ ଆରମ୍ଭ ହେଉ ହେଉ ନାରାବାଜି କରିଥିଲେ ବିରୋଧୀ ବିଧାୟକ । କେହି ରିପୋର୍ଟର୍ସ ଟେବୁଲ୍ ଉପରକୁ ଚଢ଼ି ପ୍ରତିବାଦ କରିଥିବା ବେଳେ ଆଉ କେହି ପୋଡିୟମ୍ ବାଡେଇ ନାରାବାଜି କରିଥିଲେ। ଏହାରି ଭିତରେ କଂଗ୍ରେସ ବିଧାୟକ ତାରା ବାହିନୀପତି ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପରକୁ ପୋଷ୍ଟର ଫୋପାଡ଼ିଥିବା ଅଭିଯୋଗ ହୋଇଛି । ଗୃହ ମୁଲତବୀ ପରେ ବି ବିରୋଧୀଙ୍କ ପ୍ରତିବାଦ ଥମିନଥିଲା। ବିଜେଡି ବିଧାୟକମାନେ ଓଏମ୍ସି ଅଫିସ୍ ନିକଟରେ ପହଞ୍ଚି ବିରୋଧ କରିଥିବା ବେଳେ ପୁଲିସ ଓ ସୁରକ୍ଷାକର୍ମୀଙ୍କ ସହ ଧସ୍ତାଧସ୍ତି ହୋଇଥିବା ଅଭିଯୋଗ ହୋଇଛି । ସେପଟେ କଂଗ୍ରେସ ବିଧାୟକମାନେ ବର୍ଷା ମଧ୍ୟରେ ଗାନ୍ଧୀ ମୂର୍ତ୍ତି ତଳେ ବସି ପ୍ରତିବାଦ କରିଥିଲେ । ଏମ୍ଏମ୍ଡିଆର ଆଇନ ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଛନ୍ତି । ବିରୋଧୀଙ୍କ ଏଭଳି ଆଭିମୁଖ୍ୟକୁ ଶାସକ ଦଳ ପକ୍ଷରୁ ବିରୋଧ କରାଯାଇଛି । ବିରୋଧୀଙ୍କ ଏଜେଣ୍ଡାରେ ଓଡ଼ିଶାର ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥ ଆଗରେ ରହିଥିବା ଶାସକ ଦଳର ବିଧାୟକମାନେ ଅଭିଯୋଗ କରିଛନ୍ତି । ଏପଟେ ଶାସକ ଦଳର ବିଧାୟକ ପ୍ରକାଶ ସୋରେନ୍ ଏମ୍ଏମ୍ଡିଆର ଆଇନ ଦ୍ୱାରା ଓଡ଼ିଶାର କ'ଣ ଲାଭ ଓ କ୍ଷତି ହେବ, ସେନେଇ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ଖଣି ମନ୍ତ୍ରୀ ବିଭୂତି ଜେନା କହିଛନ୍ତି, ଏନେଇ ବର୍ତ୍ତମାନ କୌଣସି ଆକଳନ କରାଯାଇନାହିଁ । ବିଧାନସଭାର ୯ ଦିନିଆ କାର୍ଯ୍ୟକ୍ରମରୁ ପ୍ରଥମ ଦିନ ମାତ୍ର ୪୭

◆◆ପୃଷ୍ଠା ୭

## ଗଭୀର ଅବପାତରେ ଭିଜିଲା ଅଧା ଓଡ଼ିଶା: ବାତ୍ୟା ହେଲାନି, ଲଗାଣ ବର୍ଷାରେ ବେହାଲ୍ ଦକ୍ଷିଣ ଓଡ଼ିଶା



ଭୁବନେଶ୍ୱର, ୨୪/୯ (ନି.ପ୍ର): ବାତ୍ୟା ହେଲାନି କି ପବନ ବିଶେଷ ହେଲାନି । ହେଲେ ବଙ୍ଗୋପସାଗରରେ ସୃଷ୍ଟି ଗଭୀର ଅବପାତ ପ୍ରଭାବରେ ଭିଜିଛି ଅଧା ଓଡ଼ିଶା। ବିଶେଷକରି ଦକ୍ଷିଣ ଓଡ଼ିଶାରେ ଦୁଇ ଦିନର ଲଗାଣ ବର୍ଷା ଜନଜୀବନକୁ ପ୍ରଭାବିତ କରିଛି । କେଉଁଠି ପୋଲ ଉପରେ ପାଣି ଚାଲୁଛି ତ କେଉଁଠି ଗଛ ଓ ପାହାଡ଼ରୁ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇଛି । ମାଲକାନଗିରି ବାୟାପଡ଼ା ଘାଟିରେ ମାଟି ଅତଡ଼ା ଖସି ରାସ୍ତା ବନ୍ଦ ହୋଇଥିବା ବେଳେ ଖଇରପୁଟ ବଣ୍ଡାଘାଟିରେ ଭାଙ୍ଗିଛି ଅନେକ କଚ୍ଚାଘର । ମାଥିଲିରେ ପାଙ୍ଗାମ ପୋଲ ଉପରେ ପାଣି ଚାଲୁଥିବାରୁ ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥରେ ଯୋଗାଯୋଗ ପ୍ରଭାବିତ ହୋଇଛି। କନ୍ଧମାଳ ଓ ଗଞ୍ଜାମର ଜୀବନରେଖା କଳିଙ୍ଗା ଘାଟିରେ ନବନିର୍ମିତ ଗାର୍ଡୱାଲ୍ ଭୁଶୁଡ଼ି ପଡ଼ିଛି। ଗଜପତି ସାପସିଲା ଘାଟି ନିକଟରେ ପାହାଡ଼ରୁ ବିରାଟ ପଥର ଖସି ରାସ୍ତାରେ ପଡ଼ିବାରୁ ଯାତାୟାତ ବ୍ୟାହତ ହୋଇଛି । ନବରଙ୍ଗପୁରରେ ବି ଲଗାଣ ବର୍ଷା ଯୋଗୁଁ ସ୍ଥିତି ବେହାଲ୍। ନନ୍ଦାହାଣ୍ଡିରେ ପାଚେରୀ ଭୁଶୁଡ଼ି ଜଣେ ମହିଳା ଗୁରୁତର ହୋଇଛନ୍ତି। କୋରାପୁଟର ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି ।

◆◆ପୃଷ୍ଠା ୭

## ଆଜି ୩ ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର, ୨୪/୯ (ନି.ପ୍ର): ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି (ଶୁକ୍ରବାର) ୩ ଟି ଜିଲ୍ଲାରେ ସ୍କୁଲ ଛୁଟି ରଖିବାକୁ ଜିଲ୍ଲା ପ୍ରଶାସନ ଘୋଷଣା କରିଛି। ସ୍କୁଲ ସହିତ ଜିଲ୍ଲାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ବନ୍ଦ ରହିବ। ଏହି ଜିଲ୍ଲା ଗୁଡିକ ହେଲା ନବରଙ୍ଗପୁର, କଳାହାଣ୍ଡି ଓ ଗଜପତି। ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ଗୁରୁବାର ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିଥିବା ବେଳେ ଆଉ ଦିନକ ପାଇଁ ସ୍କୁଲ୍ ଛୁଟି ବଢ଼ିଛି। ଆସନ୍ତାକାଲି ବି ସମସ୍ତ ସ୍କୁଲ୍ ଓ ଅଙ୍ଗନବାଡ଼ି ଛୁଟି ରହିବ ବୋଲି ଜିଲ୍ଲାପାଳ ଘୋଷଣା କରିଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲାରେ ଆସନ୍ତାକାଲି ମଧ୍ୟ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ଛୁଟି ରହିବ। ଗଜପତି ଜିଲ୍ଲାରେ ଆସନ୍ତାକାଲି ବି ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସ୍କୁଲ ଛୁଟି ନିଷ୍ପତି ନେଇଛନ୍ତି।

## ଟିଏମସି ନାମ-ଚିହ୍ନ ବିବାଦ: ଇସିଙ୍କୁ ସମୟସୀମା ଜଣାଇବାକୁ କହିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୪/୯ : ତୃଣମୂଳ କଂଗ୍ରେସର ନାମ ଓ ନିର୍ବାଚନୀ ଚିହ୍ନକୁ ନେଇ ଚାଲିଥିବା ବିବାଦରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ନିର୍ବାଚନ କମିସନଙ୍କ ଅନ୍ତରୀଣ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କରିଥିବା ଆବେଦନର ଶୁଣାଣି କରି ଶୀର୍ଷ ଅଦାଲତ ନିର୍ବାଚନ କମିସନଙ୍କୁ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ କେତେ ସମୟ ଆବଶ୍ୟକ, ତାହା ଜଣାଇବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୮ରେ ହେବ । ଚିଫ୍ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଅଦାଲତ ନିର୍ବାଚନ କମିସନଙ୍କ ଓକିଲଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଉଭୟ ପକ୍ଷଙ୍କୁ ନିଜ ନିଜ ପ୍ରମାଣ ଓ ଦସ୍ତାବିଜ ରଖିବା ପାଇଁ ଯଥେଷ୍ଟ ସୁଯୋଗ ଦିଆଯିବା ସହ ମାମଲାକୁ ଅନାବଶ୍ୟକ ଭାବେ ଦୀର୍ଘ କରାଯିବା ଉଚିତ ନୁହେଁ। ତେଣୁ ଏକ ବାସ୍ତବସମ୍ମତ ସମୟସୀମା ବିଷୟରେ ଅଦାଲତକୁ ଅବଗତ କରାଇବାକୁ କୁହାଯାଇଛି । ତୃଣମୂଳ କଂଗ୍ରେସ ଭିତରେ ସୃଷ୍ଟି ହୋଇଥିବା ଦୁଇ ଗୋଷ୍ଠୀର ବିବାଦ ପରେ ନିର୍ବାଚନ କମିସନ ଏହି ପଦକ୍ଷେପ ନେଇଛନ୍ତି। ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ ନାମ ଏବଂ ପାରମ୍ପରିକ 'ଘାସ-ଫୁଲ' ଚିହ୍ନ ଉପରେ ଉଭୟ ପକ୍ଷ ଦାବି କରିଥିବାରୁ ଇସି ଏହାକୁ ଅନ୍ତରୀଣ ଭାବେ ଫ୍ରିଜ୍ କରିଛି। ଚୂଡ଼ାନ୍ତ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀ ମୂଳ ନାମ ଓ ଚିହ୍ନ ବ୍ୟବହାର କରିପାରିବେ ନାହିଁ। ଏହା ପରେ ଆଗାମୀ ପଶ୍ଚିମବଙ୍ଗ ଉପନିର୍ବାଚନକୁ ଦୃଷ୍ଟିରେ ରଖି ଇସି ଉଭୟ ଗୋଷ୍ଠୀକୁ ଅଲଗା ନାମ ଓ ଚିହ୍ନ ଦେଇଛି। ମମତା ବାନାର୍ଜୀଙ୍କ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ସହ 'ଫୁଟବଲ୍ ପ୍ଲେୟର୍' ଚିହ୍ନ ଦିଆଯାଇଥିବା ବେଳେ ଅନ୍ୟ ଗୋଷ୍ଠୀକୁ

◆◆ପୃଷ୍ଠା ୭

## ଓଡ଼ିଶା ଡିଜିପି ବିବାଦ: ସୁପ୍ରିମକୋର୍ଟ କ୍ଷୁବ୍ଧ, ମଙ୍ଗଳବାର ପରବର୍ତ୍ତୀ ଶୁଣାଣି




ଭୁବନେଶ୍ୱର, ୨୪/୯ (ନି.ପ୍ର): ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଚୟନ ପ୍ରକ୍ରିୟା, ବରିଷ୍ଠ ଆଇପିଏସ ଅଧିକାରୀ ସୁଶାନ୍ତ ନାଥଙ୍କ 'ଇଣ୍ଟିଗ୍ରିଟି ସାର୍ଟିଫିକେଟ୍' ପ୍ରତ୍ୟାହାର ଓ ଅସ୍ଥାୟୀ ଏକ୍ସ-କ୍ୟାଡ଼ର ଡିଜି ପଦବୀ ସୃଷ୍ଟି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। କେବଳ ସିବିଆଇର ପଚରାଉଚୁରା ସମ୍ଭାବନାକୁ ଆଧାର କରି ଜଣେ ଅଫିସରଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟକୁ ରୋକିବା ଅର୍ଥ ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଆଗୁଆ ଅଭିଯୁକ୍ତ କରିବା ଭଳି ବୋଲି ସୁପ୍ରିମକୋର୍ଟ କହିବା ସହ ଘୋଡ଼ା ଆଗରେ ଗାଡ଼ି ଯୋଚିବା ସଦୃଶ ବୋଲି କଡ଼ା ଟିପ୍ପଣୀ ଦେଇଛନ୍ତି। ଏହାସହିତ ସରକାରଙ୍କ ଏକ୍ସକ୍ୟାଡ଼ର ଡିଜିପି ପଦବୀ ସୃଷ୍ଟି ଓ ପଦୋନ୍ନତି ସମ୍ପର୍କିତ ବୈଧାନିକ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇବାରୁ ମୁଖ୍ୟ ସଚିବଙ୍କ ସହ ଆଲୋଚନା କରି ଉତ୍ତର ରଖିବେ ବୋଲି କହି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସମୟ ଲୋଡ଼ିଥିଲେ। କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାରକୁ ଧାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନାଙ୍କ ତିନିଜଣିଆ ଖଣ୍ଡପୀଠ ଆଜି କ୍ରମାଗତ ତୃତୀୟ ଦିନ ପାଇଁ ଓଡ଼ିଶା ପୁଲିସ ଡିଜିପି ନିଯୁକ୍ତିରେ ପ୍ରକାଶ ସିଂ ପୁଲିସ ସଂସ୍କାର ମାମଲାର ଉଲ୍ଲଘଂନ ମାମଲାର ଶୁଣାଣି କରିଥିଲେ। ଗୁରୁବାର ଶୁଣାଣିବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ଦର୍ଶାଇ କହିଥିଲେ ଯେ, ପୂର୍ବତନ ଡିଜିପି ଅବସର ନେବାର ୬ ମାସ ପୂର୍ବରୁ ଅର୍ଥାତ୍ ୨୦୨୬ ମଇ ମାସରେ ହିଁ ରାଜ୍ୟ ସରକାର ପୁଲିସ ଡିଜିପି ଚୟନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଚୟନ କେବଳ ବରିଷ୍ଠତା ଉପରେ ନୁହେଁ, ବରଂ ମେରିଟ୍ ଆଧାରରେ କରାଯାଇଥାଏ। ଭୌଗୋଳିକ ଦୃଷ୍ଟିରୁ ଓଡ଼ିଶା ଛୋଟ ରାଜ୍ୟ ହୋଇଥିବାରୁ ମଞ୍ଜୁରୀପ୍ରାପ୍ତ ଅଫିସରଙ୍କ ସଂଖ୍ୟା କମ୍। କାଳେ ୟୁପିଏସସି

◆◆ପୃଷ୍ଠା ୭

# ନୂଆପଡ଼ା ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ ୯ ଗୋଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଟିଟିଲାଗଡ଼ରୁ ଖଡ଼ିଆଳ ଡିଭିଜନକୁ ସ୍ଥାନାନ୍ତର

ନୂଆପଡ଼ା,୨୪/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲାର ବୃହତ୍ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକର ପ୍ରଶାସନିକ ନିରୀକ୍ଷଣ ଓ ସମନ୍ୱୟକୁ ସୁଦୃଢ଼ କରିବା ଦିଗରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ପଦକ୍ଷେପ ପରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଅଛି। ପୂର୍ବରୁ ଟିଟିଲାଗଡ଼ ମେଗା ଲିଫ୍ଟ ପ୍ରକଳ୍ପ ଡିଭିଜନ ଅଧୀନରେ ଥିବା ନୂଆପଡ଼ା ଜିଲ୍ଲାର ୯ଟି ବୃହତ ଉଠା ଜଳସେଚନ ପ୍ରକଳ୍ପକୁ ବର୍ତ୍ତମାନ ଖଡ଼ିଆଳ ମେଗା ଲିଫ୍ଟ ପ୍ରକଳ୍ପ ବିଭାଜନ ଅଧୀନକୁ ଅଣାଯିବା ନିମନ୍ତେ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଅଛି ।

ନୂଆପଡ଼ା ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକର ନିରୀକ୍ଷଣ ଓ ପ୍ରଶାସନିକ ସମନ୍ୱୟରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ଦାଶ ଗତ ଅଗଷ୍ଟ ୧୩ ତାରିଖରେ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବଙ୍କୁ ପତ୍ର ଲେଖିଥିଲେ। ଟିଟିଲାଗଡ଼ ଡିଭିଜନର ବ୍ୟାପକ କାର୍ଯ୍ୟପରିସର ଯୋଗୁଁ ନୂଆପଡ଼ା ସମ୍ପର୍କିତ ବିଭିନ୍ନ ବୈଠକ, ପ୍ରକଳ୍ପ ନିରୀକ୍ଷଣ, ପ୍ରଶାସନିକ ସମନ୍ୱୟ ଓ ଜନସାଧାରଣଙ୍କ ଅଭିଯୋଗର ସମାଧାନରେ ଅସୁବିଧା ହେଉଥିବା ସେ ଦର୍ଶାଇଥିଲେ।

ଏଥିସହ ନୂଆପଡ଼ା ଜିଲ୍ଲାରେ କାର୍ଯ୍ୟରତ ଖଡ଼ିଆଳ ମେଗା ଲିଫ୍ଟ ପ୍ରକଳ୍ପ ବିଭାଜନ ଜିଲ୍ଲା ପ୍ରଶାସନ ସହ ନିୟମିତ ସମନ୍ୱୟ ରଖୁଥିବା ଦର୍ଶାଇ, ଟିଟିଲାଗଡ଼ ବିଭାଜନ ଅଧୀନରେ ଥିବା ନୂଆପଡ଼ା ଅଂଚଳକୁ ଖଡ଼ିଆଳ ବିଭାଜନ ସହ ମିଶ୍ରଣ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ।

ଏହା ପରେ ମେଗା ଲିଫ୍ଟର ମୁଖ୍ୟଯନ୍ତ୍ରୀ, ଭୁବନେଶ୍ୱରଙ୍କ ପକ୍ଷରୁ ସମାପ୍ତ ମେଗା ଲିଫ୍ଟ ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱର ପୁନଃବିନ୍ୟାସ କରାଯାଇଛି। ଜିଲ୍ଲା ସୀମା ଓ ସମ୍ପୃକ୍ତ ବିଭାଜନର ନିକଟତାକୁ ଆଧାର କରି ଏହି ପୁନଃବିନ୍ୟାସ କରାଯାଇଅଛି।

ନୂତନ ବ୍ୟବସ୍ଥା ଅନୁଯାୟୀ, କ୍ଲଷ୍ଟର-୧୩ ଅଧୀନରେ ନୂଆପଡ଼ା ଜିଲ୍ଲାରେ ଥିବା ୯ଟି ପ୍ରକଳ୍ପର ପ୍ରଶାସନିକ ଦାୟିତ୍ୱ ଖଡ଼ିଆଳ ବିଭାଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଦିଆଯାଇଅଛି। ଏହି ୯ଟି ପ୍ରକଳ୍ପ ଅଧୀନରେ ମୋଟ ୭,୨୭୭.୨୮ ହେକ୍ଟର ଜଳସେଚନ କ୍ଷେତ୍ର ରହିଛି।

ପ୍ରଶାସନିକ ଦାୟିତ୍ୱର ଏହି ପୁନଃବିନ୍ୟାସ ଫଳରେ ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ ନିରୀକ୍ଷଣ, ପରିଚାଳନା ଓ ରକ୍ଷଣାବେକ୍ଷଣ ସହ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ସମନ୍ୱୟ ଅଧିକ ସୁଗମ ହେବ। ଏଥିସହ ଜଳସେଚନ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନ ଓ ପ୍ରକଳ୍ପଗୁଡ଼ିକର ନିରନ୍ତର ପରିଚାଳନାରେ ଏହା ସହାୟକ ହେବ।

ଆସନ୍ତା ଖରିଫ ଋତୁକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ନିରବଚ୍ଛିନ୍ନ ରଖିବା ସହ ନୂତନ ପ୍ରଶାସନିକ ବ୍ୟବସ୍ଥାର ସୁଚାରୁ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦିଆଯାଇଛି

# ଏମଏମଡିଆର ଆକ୍ଟକୁ ନେଇ ୭ ତାରିଖରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ ସମାବେଶ

କେନ୍ଦୁଝର,୨୪/୦୯ (ନି.ପ୍ର): ଏମଏମଡିଆର ଆମେଣ୍ଡମେଂଟ ଆକ୍ଟ-୨୦୨୬କୁ ନେଇ ରାଜ୍ୟରେ ରାଜନୈତିକ ବିରୋଧ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ଅକ୍ଟୋବର ୭ ତାରିଖରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ କରାଯିବାକୁ ଘୋଷଣା କରାଯାଇଛି। ଏନେଇ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଂଗ୍ରେସ ବିରୋଧୀ ଦଳ ନେତା ବିଧାୟକ ତାରା ପ୍ରସାଦ ବାହିନୀପତି। କଂଗ୍ରେସ ନେତାମାନଙ୍କ କହିବା ଅନୁଯାୟୀ, ନୂଆ ଏମଏମଡିଆର ଆଇନରେ ଓଡ଼ିଶାର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ରାଜ୍ୟର ସ୍ୱାର୍ଥ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହି ଦାବିକୁ ନେଇ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ ପ୍ରତିବାଦ ଜାରି ରହିଛି। ଆସନ୍ତା ଅକ୍ଟୋବର ୭ ତାରିଖରେ ସ୍ଥାନୀୟ କାଳୀ ପଡ଼ିଆ ଠାରେ ବିକ୍ଷୋଭ ସମାବେଶରେ ରାଜ୍ୟର ରାଜ୍ୟ ସଭାପତି ଭକ୍ତ ଦାସ, ରାଜ୍ୟ ପ୍ରଭାରୀ, ରାଜ୍ୟର ବହୁ ବରିଷ୍ଠ କଂଗ୍ରେସ ନେତା, କର୍ମୀ ଓ ସମର୍ଥକମାନେ ଯୋଗଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ସମାବେଶ ମାଧ୍ୟମରେ ଏମଏମଡିଆର ଆମେଣ୍ଡମେଂଟ ଆକ୍ଟ ପ୍ରତ୍ୟାହାର ଦାବି ଉଠାଯିବା ସହ ରାଜ୍ୟର ଖଣିଜ ସମ୍ପଦ ଓ ଆର୍ଥିକ ଅଧିକାର ସୁରକ୍ଷା ପାଇଁ ଦଳ ନିଜ ଦାବି ରଖିବ। ଏହି ଆଇନକୁ ନେଇ ଓଡ଼ିଶା ବିଧାନସଭାରେ ମଧ୍ୟ କଂଗ୍ରେସ ସମେତ ବିରୋଧୀ ସଦସ୍ୟମାନେ ପ୍ରତିବାଦ କରିଛନ୍ତି। ସମାବେଶକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ୭ ତାରିଖର ବିକ୍ଷୋଭକୁ ସଫଳ କରିବା ପାଇଁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦିଆଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ମନୋଜ ଜେନା, ବରିଷ୍ଠ ନେତା ଜୟଦ୍ୱେ ଜେନା ଙ୍କ ସମେତ ବହୁ ରାଜ୍ୟ ତଥା ଜିଲ୍ଲା କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ଟଙ୍କଧରଙ୍କ ବାସଭବନରେ ନୂଆଁଖାଇ ଭେଟଘାଟ

ଝାରସୁଗୁଡ଼ା,୨୪/୦୯ (ନି.ପ୍ର): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ବୁଧବାର ମହାସମାରୋହରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଷଣ ସହ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟର ଝଲକ ଏହି ଆୟୋଜନର ମୁଖ୍ୟ ଆକର୍ଷଣ ପାଲଟିଥିଲା।

କାର୍ଯ୍ୟକ୍ରମରେ ଦିଲୀପ କୁମାର ଦୀପ ଓ ସାଥୀମାନେ ସଂଗୀତ ପରିବେଷଣ କରିଥିଲେ। ସମ୍ବଲପୁରୀ ନୃତ୍ୟର ତାଳେ ମନ୍ତ୍ରୀ, ବିଧାୟକ ଓ ଅତିଥିମାନଙ୍କ ସହ ସାଧାରଣ ଲୋକଙ୍କ ନୃତ୍ୟ ପରିବେଶକୁ ଉତ୍ସବମୁଖର କରିଥିଲା। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅତିଥିମାନଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ନୂଆଁଖାଇ ପଶ୍ଚିମ ଓଡ଼ିଶାର ଏକ ମହାନ ଗଣପର୍ବ ଏବଂ ଏହା ମାଟି, ମା' ଓ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ ବୋଲି ସେ କହିଥିଲେ। ଏହି ପର୍ବ ଭାଇଚାରା, ଏକତା ଓ ସୌହାର୍ଦ୍ଦ୍ୟକୁ ଆହୁରି ସୁଦୃଢ଼ କରିଥାଏ ବୋଲି ସେ ମତପ୍ରକାଶ କରିଥିଲେ।

ଭେଟଘାଟରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସରସତିଆ, ଚାଉଳ ବରା, ଆରିସା ପିଠା, ରସବରା ସମେତ ବିଭିନ୍ନ ବ୍ୟଞ୍ଜନ ପରିବେଷଣ କରାଯାଇଥିଲା। ଅତିଥିମାନେ ଏହି ପାରମ୍ପରିକ ଖାଦ୍ୟର ସ୍ୱାଦ ନେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ବିଧାୟକ ବାବୁ ସିଂ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବିଜେପୁର ବିଧାୟକ ସନତ ଗଡ଼ତିଆ, ପାରଳାଖେମୁଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେଡି ନେତା ଅରୁଣ ସାହୁ, ବ୍ୟୋମକେଶ ରାୟଙ୍କ ସମେତ ୧୦୦ରୁ ଅଧିକ ବିଧାୟକ, ୧୦ରୁ ଅଧିକ ମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଭେଟଘାଟରେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟ ଅତିଥିମାନଙ୍କୁ ଆକର୍ଷିତ କରିଥିଲା।

# ଆଇବାସ୍-୨୦୨୬ରେ ବେଦାନ୍ତର ବୈଷୟିକ ପ୍ରତିଭାର ପ୍ରଦର୍ଶନ ପ୍ରଦର୍ଶନ

ଝାରସୁଗୁଡ଼ା,୨୪/୦୯ (ନି.ପ୍ର): ଝାରସୁଗୁଡ଼ାରେ ଅନୁଷ୍ଠିତ ୧୪ତମ ଇଣ୍ଟରନ୍ୟାସନାଲ ବକ୍ସାଇଟ୍, ଆଲୁମିନା ଆଣ୍ଡ ଆଲୁମିନିୟମ୍ କନ୍ଫରେନ୍ସ ଆଣ୍ଡ ଏକ୍ସିବିସନ୍ (ଆଇବାସ୍)-୨୦୨୬ରେ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ବୈଷୟିକ ଦକ୍ଷତା ଓ ନୂତନ ପ୍ରଯୁକ୍ତିର ପ୍ରଦର୍ଶନ କରାଯାଇଛି। ଆଲୁମିନିୟମ୍ ଶିଳ୍ପରେ ନବୀନ ପ୍ରଯୁକ୍ତି, ଗବେଷଣା ଓ ମୂଲ୍ୟଯୁକ୍ତ ଉତ୍ପାଦନ ସମ୍ପର୍କିତ ଆଲୋଚନା ପାଇଁ ଏହି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପାଲଟିଛି।

ସମ୍ମିଳନୀରେ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଆଲୁମିନିୟମ୍ ଉତ୍ପାଦନ, ପରିବେଶ ସୁରକ୍ଷା, ରିଫାଇନିଂ, ସ୍ମେଲିଂ, ଆଲୋୟ ଡେଭଲପମେଣ୍ଟ ସମେତ ବିଭିନ୍ନ ବୈଷୟିକ ବିଷୟ ଉପରେ ୨୪ଟି ବୈଷୟିକ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଏହି ପ୍ରବନ୍ଧଗୁଡ଼ିକ ମାଧ୍ୟମରେ ଶିଳ୍ପ କ୍ଷେତ୍ରରେ ପ୍ରଯୁକ୍ତିର ପ୍ରୟୋଗ, ସମ୍ବଳର ଦକ୍ଷ ବ୍ୟବହାର ଓ ଉତ୍ପାଦନ ପ୍ରକ୍ରିୟା ସମ୍ପର୍କରେ ବିଭିନ୍ନ ଦିଗ ଉପସ୍ଥାପିତ ହୋଇଥିଲା। ଉଦ୍ଘାଟନୀ ଅଧିବେଶନରେ ବେଦାନ୍ତ ଆଲୁମିନିୟମ୍ର ସିଇଓ ରାଜେଶ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଯୁକ୍ତିନିର୍ଭର, ନବସୃଜନମୂଳକ ଓ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଶିଳ୍ପ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପର ଭବିଷ୍ୟତ ବିକାଶ ପାଇଁ ବୈଷୟିକ ନବସୃଜନ ଓ ଦକ୍ଷ ପ୍ରଯୁକ୍ତିର ବ୍ୟବହାର ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଉପସ୍ଥାପିତ ବୈଷୟିକ ପ୍ରବନ୍ଧଗୁଡ଼ିକ ମଧ୍ୟରୁ ୩ଟି ପ୍ରବନ୍ଧକୁ 'ବେଷ୍ଟ ପେପର' ପୁରସ୍କାର ପ୍ରଦାନ କରାଯାଇଛି । ଆଲୁମିନିୟମ୍ ସ୍ମେଲିଂ, ରିଫାଇନିଂ ଏବଂ ଆଲୋୟ ଡେଭଲପମେଣ୍ଟ କ୍ଷେତ୍ରରେ ଉପସ୍ଥାପିତ ପ୍ରବନ୍ଧଗୁଡ଼ିକୁ ଏହି ସମ୍ମାନ ମିଳିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ 'ଗ୍ଲୋବାଲ ଆଲୁମିନିୟମ୍ ଆଉଟ୍ଲୁକ୍-୨୦୩୦' ବିଷୟବସ୍ତୁ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ସୁରକ୍ଷିତ ସମ୍ବଳ ବ୍ୟବହାର, ଶକ୍ତିର ଦକ୍ଷ ଉପଯୋଗ ଏବଂ ବର୍ଜ୍ୟରୁ ମୂଲ୍ୟ ସୃଷ୍ଟି ଭଳି ପ୍ରସଙ୍ଗ ଉପରେ ଝାରସୁଗୁଡ଼ା ୟୁନିଟ୍ର ସ୍ମେଲ୍ଟର ସିଓଓ ବିଭବ ଉପାଧ୍ୟାୟ ଆଲୋକପାତ କରିଥିଲେ। ବୈଷୟିକ ପ୍ରବନ୍ଧ ଉପସ୍ଥାପନ ଓ 'ବେଷ୍ଟ ପେପର' ସମ୍ମାନ ମାଧ୍ୟମରେ ଆଇବାସ୍-୨୦୨୬ରେ ବେଦାନ୍ତ ଆଲୁମିନିୟମ୍ର ବୈଷୟିକ ଦକ୍ଷତା, ଗବେଷଣା ଓ ନବସୃଜନ କ୍ଷେତ୍ରରେ ରହିଥିବା ଅବଦାନ ପ୍ରତିଫଳିତ ହୋଇଛି।

# ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ

ଗଞ୍ଜାମ,୨୪/୦୯ (ନି.ପ୍ର): ବନ୍ୟା ଆଶଙ୍କା ଓ ସମ୍ଭ୍ୟ ବାତ୍ୟା ମୁକାବିଲାଓ ଏହାରପ୍ରସ୍ତୁତି ପାଇଁ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା,ସହକାରୀ ଉପଜିଲ୍ଲାପାଳ ପ୍ରଧାନ ଟୁଲିଆମା, ତହସିଲଦାର ତ୍ରିଦେବ ରଥ,ବିଡିଓ ତୃପ୍ତିମୟୀ ଜେନା, ସିଡ଼ିପିଓ ମମତାଞ୍ଜଳିପଣ୍ଡା,ପରିଦର୍ଶିକା ଦିପ୍ତିରାଣୀ, ବାସନ୍ତି ଦାସ, କୁମାରୀ ହିରାପାତ୍ର, ସନ୍ତୋଷ ପୁରଆର ଆଇ ଅରବିନ୍ଦ ଦାସ, ଅମିନ କେ ଅଜିତ କୁମାର ଦାସ, କୃଷକ ସହାୟକ ଶରତ କୁମାର ସାହୁ ଅଂଚଳ ର ସମସ୍ତ ଅଙ୍ଗନବାଡି କର୍ମୀ, ଆଶା, ସିରାପି ଏମ୍ବିକେ ଓ ପଂଚାୟତ ପିଓ ପ୍ରମୁଖ ଗୁଡ଼ିସର ବ୍ରାହ୍ମଣ ଛାଇ,ତହର, କାଞ୍ଜି ଆମା ସନ୍ତୋଷପୁର ପିତଳ୍ବାତ୍ୟାଆଶ୍ରୟ ସ୍ଥଳୀ ପରିଦର୍ଶନ କରି ସ୍ଥାନୀୟ ଜନସାଧାରଣ ଙ୍କସହ ଆଲୋଚନା କରିଥିଲେ।

# ସ୍କୁଲ ପରିସରରେ ଗଛ ଉପୁଡ଼ି ବିଦ୍ୟୁତ ତାର ଛିଣ୍ଡିଲା: ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

ଝାରସୁଗୁଡ଼ା,୨୪/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ଝିର୍ଲାପାଲି ପଂଚାୟତ ଅଂଚଳରେ ବୁଧବାର ମଧ୍ୟାହ୍ନରେ ପ୍ରବଳ ପବନ ସହ ବର୍ଷା ହୋଇଥିଲା। ଏହି ସମୟରେ ଜେ. ପଣ୍ଡକିମାଲ ୟୁପି ସ୍କୁଲ ପରିସରରେ ଥିବା ଏକ ବିରାଟ ଶାଗୁଆନ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡ଼ିବାରୁ ତାର ଛିଣ୍ଡିଯିବା ସହ ଏକ ବିଦ୍ୟୁତ ଖୁମ୍ବ ଭାଙ୍ଗିଯାଇଥିଲା। ବିଦ୍ୟୁତ ତାର ବିଦ୍ୟାଳୟ ପରିସରରେ ପଡ଼ିବାରୁ ଏକ ବଡ଼ ଅଘଟଣରୁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଅଳ୍ପକେ ବର୍ତ୍ତିଥିବା ଜଣାପଡ଼ିଛି। ଘଟଣା ସମୟରେ ବିଦ୍ୟୁତ ତାର ଛିଣ୍ଡି ବିଦ୍ୟାଳୟ ପରିସରରେ ପଡ଼ି ରହିଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଦୀର୍ଘ ସମୟ ଧରି ଶ୍ରେଣୀକୋଠରୀରୁ ବାହାରି ପାରିନଥିଲେ। ଘଟଣାକୁ ନେଇ ସମସ୍ତଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରେ ବିଦ୍ୟାଳୟ ପକ୍ଷରୁ ତୁରନ୍ତ କୋଲାବିରା ବିଦ୍ୟୁତ ବିଭାଗକୁ ଖବର ଦିଆଯାଇଥିଲା।

ସୂଚନା ପାଇବା ପରେ ବିଦ୍ୟୁତ ବିଭାଗ ପକ୍ଷରୁ କୋଲାବିରା-ଝିର୍ଲାପାଲି ଫିଡର ଲାଇନକୁ ତୁରନ୍ତ ବନ୍ଦ କରାଯାଇଥିଲା। ବିଭାଗୀୟ କର୍ମଚାରୀମାନେ ବିଦ୍ୟାଳୟରେ ପହଂଚି ଗଛରୁ ବିଦ୍ୟୁତ ତାରକୁ ଅଲଗା କରିବା ସହ ଆବଶ୍ୟକ ପଦକ୍ଷେପ ନେଇଥିଲେ।

ଏହି ଘଟଣା ପରେ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟ ପରିସରରେ ବିପଦପୂର୍ଣ୍ଣ ଭାବେ ଥିବା ଗଛ ସମ୍ପର୍କରେ ପୂର୍ବରୁ ପଦକ୍ଷେପ କାହିଁକି ନିଆଯାଇନଥିଲା ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ବିଦ୍ୟାଳୟ ଉପର ଦେଇ ବିଦ୍ୟୁତ ଲାଇନ୍ ଯାଇଥିବାରୁ ଏହାର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ତଦନ୍ତ ଆବଶ୍ୟକ ବୋଲି ଦାବି ହୋଇଛି। ବିଦ୍ୟାଳୟ ପରିସରରେ ଏଭଳି ବିପଜ୍ଜନକ ସ୍ଥିତି ଯେପରି ଭବିଷ୍ୟତରେ ନଘଟେ, ସେଥିପାଇଁ ବିପଦପୂର୍ଣ୍ଣ ଗଛଗୁଡ଼ିକର ଯାଂଚ ସହ ବିଦ୍ୟୁତ ଲାଇନ୍ର ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶିକ୍ଷା ବିଭାଗ କିମ୍ବା ବିଦ୍ୟୁତ ବିଭାଗର ଅଧିକୃତ ପ୍ରତିକ୍ରିୟା ମିଳିପାରିନାହିଁ।

# କଂସାରୀ ସମାଜ ଲକ୍ଷ୍ମୀପୂଜା ଶତବାର୍ଷିକୀ ଉପଲକ୍ଷେ ମାଟି ଅନୁକୂଳ

ଭୁବନ,୨୪/୦୯ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍ ଏ ସି ଅନ୍ତର୍ଗତ ଗୋପାଳପୁରପାଟଣା ଛକ ସ୍ଥିତ ବ୍ରଜମୋହନ ଜୀୟୁ ମଣ୍ଡପ ଠାରେ କଂସାରୀ ସମାଜ ପକ୍ଷରୁ ଚଳିତ ବର୍ଷ ଲକ୍ଷ୍ମୀପୂଜା ର ଶତାବର୍ଷିକ ପାଳନ ହେବ । ଏହି ଉପଲକ୍ଷେ ପବିତ୍ର ବାମନ ଜନ୍ମ ସୁନିଆ ତିଥିରେ ଶୁଭ ମାଟି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କଂସାରୀ ସମାଜ ସଭାପତି ନନ୍ଦକିଶୋର ମେହେଣା , ସମ୍ପାଦକ ଗିରିଶ ମହାରଣା, କୋଷାଧକ୍ଷ ପ୍ରଫୁଲ୍ଲ ସାହୁ, ଉପଦେଷ୍ଟା ଇନ୍ଦ୍ରମଣି ମହାପାତ୍ର ଙ୍କ ସମେତ କାଉନସିଲର ପପୁ କୁମାର ସାହୁ ଓ କଂସାରୀ ସମାଜ ର ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ରଗଡି ନାଳ କୂଳରେ ପୂଜାର୍ଚ୍ଚନା କରାଯାଇ ମା ଲକ୍ଷ୍ମୀ ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଅନୁକୂଳ ମାଟି ଉଠାଣ ହୋଇଥିଲା।

# ଅଧିକ ଯୌତୁକ ଦାବିକରି ବୋହୂକୁ ନିର୍ଯାତନା: ଥାନାରେ ସ୍ୱାମୀ ସମେତ ୪ ଜଣଙ୍କ ନାମରେ ମାମଲା

ଭଦ୍ରକ,୨୪/୦୯ (ନି.ପ୍ର): ଅଧିକ ଯୌତୁକ ଦାବି କରି ବୋହୂ କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଧୁଷୁରୀ ଥାନାରେ ଅଭିଯୋଗ ହୋଇଛି । ବୋହୂଙ୍କ ଅଭିଯୋଗ ଆଧାରରେ ପୋଲିସ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ନଣନ୍ଦଙ୍କ ବିରୋଧରେ ମାମଲା କରି ତଦନ୍ତ ଆରମ୍ଭ କରିଛି ।ଅଭିଯୋଗ ଅନୁଯାୟୀ, ଧୁଷୁରୀ ଥାନା ଅନ୍ତର୍ଗତ ଖପରପଦା ଗ୍ରାମର ଚୌଧୁରୀ ସେନାଙ୍କ ଝିଅ ସିଲିରାଣୀ ସେନା ୨୦୨୧ ଏପ୍ରିଲ ୧୪ ତାରିଖରେ କୋଠାର ପଂଚାୟତ ଡିଲୋ (ଅର୍ଣ୍ଣପୂର୍ଣ୍ଣା ଛକ) ଗ୍ରାମର ବାବୁରାମ ସେନ ଙ୍କ ପୁଅ ପୁରୁଷୋତମ ସେନ ଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟା ଘର ପକ୍ଷରୁ ନଗଦ ୨୫ ହଜାର ଟଙ୍କା ସହ ସୁନା ଓ ରୂପା ଅଳଙ୍କାର ଏବଂ ଆସବାବପତ୍ର ଦିଆ ଯାଇଥିଲା ।ବିବାହର କିଛିଦିନ ପରେ ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ସିଲିରାଣୀ ଜାଣିବାକୁ ପାଇଥିବା ଏବଂ ଏହାର ପ୍ରତିବାଦ କରିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ପରେ ଗାଡ଼ି କିଣିବା ପାଇଁ ବାପଘରୁ ଆଉ ଏକ ଲକ୍ଷ ଟଙ୍କା ଆଣିବାକୁ ଶ୍ୱଶୁର ଘର ପକ୍ଷରୁ ଦାବି କରାଯାଇ ନିର୍ଯାତନା ଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି ।ତେବେ ୧୫ ସେପଟ୍ମେର ରାତି ପ୍ରାୟ ୮ ଟା ସମୟରେ ସିଲିରାଣୀ ବାପଘରୁ ଫେରିବା ପରେ ସ୍ୱାମୀ ପୁରୁଷୋତମ, ଶ୍ୱଶୁର ବାବୁରାମ, ଶାଶୁ ପାର୍ବତୀ ଓ ନଣନ୍ଦ ମାତାଜୀ ତାଙ୍କୁ ଜୋରଜବରଦସ୍ତ ଏକ କୋଠରୀକୁ ଟାଣି ନେଇଥିବା ସେ ଅଭିଯୋଗ କରିଛନ୍ତି। ଯୌତୁକ ଟଙ୍କା ନଆଣିବାକୁ କେନ୍ଦ୍ର କରି ଶ୍ୱଶୁର ତାଙ୍କୁ ଅସଦାଚରଣ କରିଥିବା ଏବଂ ଶାଶୁ ଓ ନଣନ୍ଦ ମିଶି ତାଙ୍କ ବେକରୁ ରୂପା ଚେନ ଛଡ଼ାଇ ନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି ।ଏହି ସମୟରେ ସ୍ୱାମୀ ଏକ ଶାବଳ ଧରି ତାଙ୍କୁ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିବା ସିଲିରାଣୀ ଅଭିଯୋଗ କରିଛନ୍ତି। ଘଟଣା ନେଇ ସେପଟ୍ମେର ୨୧ ରେ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏଫଆଇଆର ନମ୍ବର ୪୧୬/୨୦୨୬ ରୁଜୁ କରିଛି।

# ସୁନାବେଡ଼ାରେ ୬୦ ଦିନିଆ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କର ମେଗା ଡ୍ରାଇଭ୍: ଗ୍ରାମ୍ୟ ଆଇନ ସହାୟତା କେନ୍ଦ୍ର ଉଦ୍ଘାଟିତ

ନୂଆପଡ଼ା,୨୪/୦୯ (ନି.ପ୍ର): ନୂଆ ଦିଲ୍ଲୀସ୍ଥିତ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲସା) ଙ୍କର ନିର୍ଦ୍ଦେଶକ୍ରମେ ସୁନାବେଡ଼ା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନୂଆପଡ଼ା ପକ୍ଷରୁ ନାଲସା ର ବିଭିନ୍ନ ଯୋଜନା ଗୁଡ଼ିକର ର ସଫଳ ରୂପାୟନ ନିମନ୍ତେ ୬୦- ଦିନିଆ ମେଗା ଡ୍ରାଇଭ୍ ଶୁଭାରମ୍ଭ ହୋଇଛି । ଏହି ଅବସରରେ ରେ ଜିଲା ଆଇନ ସେବା ପ୍ରାଧିକରଣ ର ସଚିବ ନବନୀତା ଦାଶ ଉକ୍ତ ପଂଚାୟତ କାର୍ଯ୍ୟାଳୟ ରେ ଗ୍ରାମ୍ୟ ଆଇନ ସହାୟତା କେନ୍ଦ୍ର ର ଶୁଭ ଉଦ୍ଘାଟନ କରିଛନ୍ତି । ଜାତୀୟ ଆଇନ ସେବା ପ୍ରାଧିକରଣ ଙ୍କ ଦ୍ୱାରା ଦେଶର ୧୮ ଟି ରାଜ୍ୟ ର ୩ ରୁ ୭ ଟି ଲେଖାଏଁ ଜିଲ୍ଲା ଏହି ମେଗା ଡ୍ରାଇଭ ପାଇଁ ଚୟନ କରାଯାଇଛି, ଯେଉଁଥିରେ ନୂଆପଡ଼ା ଅନ୍ୟତମ । ଚୟନ ହୋଇଥିବା ଜିଲ୍ଲା ମାନଙ୍କୁ ନିଜ ଜିଲ୍ଲା ର ଏକ ଦୁର୍ଗମ ଅଂଚଳରେ ଥିବା ଗ୍ରାମ ରେ ମେଗା ଡ୍ରାଇଭ ଅନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ତେଣୁ ସୁନାବେଡ଼ା ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଗ୍ରାମ ପଂଚାୟତ କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଚୟନ କରାଯାଇଛି ।

ଏହି ଆଇନ ସହାୟତା କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁନାବେଡ଼ା ଏବଂ ଏହାର ଆଖପାଖ ଅଂଚଳର ସାଧାରଣ ଜନସାଧାରଣଙ୍କୁ ଆଇନଗତ ସହାୟତା ଓ ଆଇନ ସମ୍ପର୍କିତ ସଚେତନତା ପ୍ରଦାନ କରିବା । ବିଶେଷକରି ଆର୍ଥିକ ଓ ସାମାଜିକ ଭାବେ ଦୁର୍ବଳ ବର୍ଗ, ମହିଳା, ଶିଶୁ, ବୃଦ୍ଧ, ଦିବ୍ୟାଙ୍ଗ ଏବଂ ଆଇନଗତ ସହାୟତାର ଆବଶ୍ୟକତା ଥିବା ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାଗଣା ଆଇନ ସେବା ପହଂଚାଇବା ଏହାର ପ୍ରମୁଖ ଲକ୍ଷ୍ୟ ଅଟେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ନୂଆପଡ଼ା ଲମ୍ବୋଦର ଧରୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ପବିତ୍ର ସାମଲ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା ଭକ୍ତବନ୍ଧୁ ବୁଡ଼େକ୍, ଉପମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ସୁନାବେଡ଼ା ସରପଂଚ ରଜନୀ ଜଗତ ଓ ପଂଚାୟତ ଉନ୍ନୟନ ଅଧିକାରୀ ଜୟ ପ୍ରକାଶ ମାଝୀ ଏବଂ ପ୍ରାଧିକରଣ ର ଅଧିକାର ମିତ୍ରଗଣ ଯଥା ତୋଫାନ ବାଗ, ଚିତ୍ତେଶ୍ୱରୀ ଜଗତ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ମାନେ ଲୋକମାନଙ୍କୁ ମାଗଣା ଆଇନ ସେବା, ଆଇନଗତ ପରାମର୍ଶ, ମଧ୍ୟସ୍ଥତା ଏବଂ ଆଇନଗତ ଅଧିକାର ସମ୍ପର୍କରେ ସଚେତନ କରିଥିଲେ। ଆଇନର ସୁବିଧା ସମାଜର ଶେଷ ସ୍ତରରେ ଥିବା ବ୍ୟକ୍ତିଙ୍କ ନିକଟରେ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଗ୍ରାମୀଣ ଆଇନ ସହାୟତା କେନ୍ଦ୍ରରେ ସାଧାରଣ ଲୋକଙ୍କୁ ଉପଲବ୍ଧ ମାଗଣା ଆଇନ ସେବା ବିଷୟରେ ଅବଗତ କରାଇବା ସହିତ ଆବଶ୍ୟକତା ଥିବା ବ୍ୟକ୍ତିଙ୍କୁ ଆଇନ ସେବା ପ୍ରାଧିକରଣ ସହିତ ଯୋଡ଼ିବା ପାଇଁ ଅଧିକାର ମିତ୍ର ମାନଙ୍କୁ ନିଯୁକ୍ତ କରାଯାଇଛି । ସୁନାବେଡ଼ାରେ ଏହି ଗ୍ରାମୀଣ ଆଇନ ସହାୟତା କେନ୍ଦ୍ରର ସ୍ଥାପନ ଦ୍ୱାରା ଅଂଚଳବାସୀଙ୍କ ନିକଟରେ ଆଇନଗତ ସହାୟତାକୁ ଅଧିକ ସହଜ ଓ ସୁଗମ କରାଯାଇପାରିବ। "ନ୍ୟାୟ ସମସ୍ତଙ୍କ ପାଇଁ" ଲକ୍ଷ୍ୟକୁ ସାକାର କରିବା ଦିଗରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି ବୋଲି ସଚିବ ନବନୀତା ଦାଶ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ଏହି ମେଗା ଡ୍ରାଇଭ ଟି ୨୩ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିବ।

# ନୂଆପଡ଼ାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ନୂଆପଡ଼ା,୨୪/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଗତ ୧୦ ସେପ୍ଟେମ୍ବରରେ ସଡ଼କ ଦୁର୍ଘଟଣାରେ ଆହତ ପିପଲଚେଣ୍ଡି ଗ୍ରାମର ୨୯ ବର୍ଷୀୟ ତୁକେଶ ବାଗଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିବାରୁ ଜିଲ୍ଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ 'ଗୁଡ୍ ସମାରିଟାନ୍' ଭାବେ ସମ୍ମାନିତ କରାଯାଇଥିଲା।

ଅଧିକ୍ଷଣ ଯନ୍ତ୍ରୀ, ଆର୍ ଆଣ୍ଡ ବି, ଖଡ଼ିଆଳ ଶଶାଙ୍କ ଶେଖର ଶୁକ୍ଲା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର କାର୍ଯ୍ୟସୂଚୀ ଓ ପୂର୍ବ ବୈଠକର ଅନୁପାଳନ ରିପୋର୍ଟ ଉପସ୍ଥାପନ କରିଥିଲେ।

ଜିଲ୍ଲାପାଳ ରାସ୍ତାର ଖାଲଖମାକୁ ସଡ଼କ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ଭାବେ ଉଲ୍ଲେଖ କରି, ଏହାର ତ୍ୱରିତ ମରାମତି କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଭାରୀ ଯାନବାହନର କଟକଣା ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ଜଜ୍ଞଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଗଷ୍ଟ ୨୦୨୬ରେ ମୋଟ ୧,୬୩୪ଟି ଇ-ଚାଲାଣ ଜାରି କରାଯାଇ ୧୯,୭୧,୫୩୩ ଟଙ୍କା ଜରିମାନା ଆଦାୟ ହୋଇଥିଲା। ଏଥିରେ ହେଲମେଟ୍ ବିନା ଗାଡ଼ି ଚଳାଇବା ପାଇଁ ୬୩୩ଟି ଚାଲାଣ ଓ ୭୫,୦୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା। ଏହାସହ ଅଟଳ ବସ୍ଷ୍ଟାଣ୍ଡ ସମ୍ପର୍କିତ ନୋଡାଲ୍ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ନୂଆପଡ଼ା ବସ୍ଷ୍ଟାଣ୍ଡର ଡର୍ମିଟୋରୀକୁ ଏନ୍ଏସି ପକ୍ଷରୁ ପରିଚାଳନା କରିବା ସହ ପ୍ରତ୍ୟେକ ଶୁକ୍ରବାର ସକାଳ ୧୧ଟାରୁ ଦିନ ୧ଟା ପର୍ଯ୍ୟନ୍ତ ବସ୍ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା।

ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥି, ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ନୂଆପଡ଼ା, ଖଡ଼ିଆଳ ଓ ଖରିଆର ରୋଡ୍ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବି ନେଇ ପାଚିକା ସଂଘର ବିକ୍ଷୋଭ

ଭଦ୍ରକ,୨୪/୦୯ (ନି.ପ୍ର): ମଙ୍ଗଳବାର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ମଧ୍ୟାହ୍ନ ଭୋଜନ ପାଚିକା ସଂଘ ପକ୍ଷରୁ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପାଚିକା ମାନଙ୍କ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ଦରମା ପ୍ରଦାନ ସହ ମୃତ୍ୟୁ କାଳୀନ ସହାୟତା, ବୀମା, ପେନସନ ଓ ପରିବାରକୁ ଉଚିତ୍ ସରକାରୀ ସହାୟତା ଓ ଅନୁକମ୍ପା ପ୍ରଦାନ ଦାବୀରେ ସିଆଇଟିୟୁ ଓଡିଶା ରାଜ୍ୟ କମିଟି ଡାକରାରେ ଆସନ୍ତା ୨୪ ଓ ୨୫ ରେ ଭୁବନେଶ୍ୱରରେ ଚାଲ ଅଭିଯାନକୁ ସଫଳ କରିବା ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପ୍ରାରମ୍ଭରେ ବ୍ଲକ ପାଚିକା ସଂଘର ପଙ୍କଜିନୀ ମହାରଣା, ସୁକାନ୍ତୀ ମୈକାପ, ସୁମତୀ ବିଶ୍ୱାଳ, ଅନ୍ନପୂର୍ଣ୍ଣା ସାହୁ, ସଞ୍ଜୁଲତା ଜେନା,ସବିତା ପୁହାଣ, ଭାରତୀ ପରିଡା, ସସ୍ମିତା ପଣ୍ଡା, ଗୁରୁବାରୀ ଜେନା, ପଦ୍ମାଳୟା ସେଠୀଙ୍କ ସମେତ ୩୦ ରୁ ଉର୍ଦ୍ଧ ସଦସ୍ୟା ହାତରେ ବ୍ୟାନର ଓ ପତାକା ଧରି ବିଭିନ୍ନ ଦାବୀ ସମ୍ପର୍କୀତ ସ୍ଲୋଗାନ ଦେଇ ଥାନା ଛକରୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଚିଂ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବୀ ସମ୍ୱଳିତ ପତ୍ର ପ୍ରଦାନ କରିଥିଲେ । ଏଥିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ ସମ୍ପାଦିକା ରୋଜାଲିନ ସାମ୍ୟବାଦୀ ଯୋଗଦେଇଥିଲେ । ବ୍ଲକ ମଧ୍ୟାହ୍ନ ଭୋଜନ ପାଚିକା ସଂଘ ସମ୍ପାଦକ ମଣ୍ଡଳୀ ସଭ୍ୟ ମହେଶ୍ୱର ନାୟକ ଏବଂ ସିପିଆଇଏମ ନେତା ତଥା ଯୁବ ଆଇନଜିବୀ ପ୍ରତାପ ସେଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବର୍ଷାରେ ଘରେ ବଢୁଛି କି ଆର୍ଦ୍ରତା ଓ ଫଙ୍ଗସ୍ ?: ଏହା ସ୍ୱାସ୍ଥ୍ୟ ପାଇଁ ବିପଦ

**ବର୍ଷା ଋତୁରେ ବାୟୁରେ ଆର୍ଦ୍ରତା ବଢ଼ିବା ସହ ଘରେ ଫଙ୍ଗସ୍ ସମସ୍ୟା ମଧ୍ୟ ବଢ଼ିଥାଏ। ଲଗାତାର ବର୍ଷା, କମ୍ ସୂର୍ଯ୍ୟକିରଣ, ଘରେ ବାୟୁ ଚଳାଚଳର ଅଭାବ ଏବଂ ଛାତ କିମ୍ବା ପାଇପ୍‌ରୁ ପାଣି ଲିକେଜ୍ ଯୋଗୁଁ କାନ୍ଥ, ଛାତ ଓ ଆସବାବପତ୍ରରେ ଆର୍ଦ୍ରତା ଜମିଥାଏ। ଦୀର୍ଘ ସମୟ ଧରି ଓଦା ରହିଲେ ଫଙ୍ଗସ୍ ବଢ଼ିବା ଆରମ୍ଭ କରେ।**

*ଆର୍ଦ୍ରତା ଓ ଫଙ୍ଗସ୍ କ'ଣ ?*

ଆର୍ଦ୍ରତା: କାନ୍ଥ, ଛାତ, ଚଟାଣ କିମ୍ବା ଆସବାବପତ୍ରରେ ଅତ୍ୟଧିକ ନରମ ଓଦା ରହିବାକୁ ଆର୍ଦ୍ରତା କୁହାଯାଏ।

ଫଙ୍ଗସ୍: ଏହା ଏକ ପ୍ରକାର ସୂକ୍ଷ୍ମ ଜୀବ, ଯାହା ଆର୍ଦ୍ର, ଅନ୍ଧାର ଓ ବନ୍ଦ ସ୍ଥାନରେ ଦ୍ରୁତ ବଢ଼େ। ଏହା କଳା, ସବୁଜ କିମ୍ବା ଧଳା ଦାଗ ଆକାରରେ ଦେଖାଯାଏ।

ଫଙ୍ଗସ୍ ସାଧାରଣତଃ ବାଥରୁମ୍, ରୋଷେଇ ଘର, ଷ୍ଟୋର ରୁମ୍, କାନ୍ଥର କୋଣ, ଝରକା-କବାଟ ଚାରିପାଖ ଏବଂ ଆଲମାରୀ ପଛପଟ ଭଳି ଆର୍ଦ୍ର ସ୍ଥାନରେ ଦେଖାଯାଏ। ଏହା କାନ୍ଥରେ କଳା ଦାଗ ସୃଷ୍ଟି କରିବା ସହ ରଙ୍ଗ ଖସିବା, ପ୍ଲାଷ୍ଟର ଦୁର୍ବଳ ହେବା, କାଠ ଆସବାବପତ୍ର ନଷ୍ଟ ହେବା ଏବଂ ଘରେ ଓଦା ଗନ୍ଧ ହେବାର କାରଣ ହୋଇପାରେ।

*ସ୍ୱାସ୍ଥ୍ୟ ପାଇଁ ବିପଦ:*

ଘରର ଫଙ୍ଗସ୍‌ରୁ ନିର୍ଗତ ସୂକ୍ଷ୍ମ କଣିକା ବାୟୁରେ ମିଶି ଶ୍ୱାସ ସହ ଶରୀରକୁ ପ୍ରବେଶ କରିପାରେ। ଏହାର ପ୍ରଭାବରେ କେତେକ ଲୋକଙ୍କଠାରେ ଛିଙ୍କ, କାଶ, ନାକ ବନ୍ଦ, ଆଖି ଓ ଗଳାରେ ଜ୍ୱଳନ ଏବଂ ଆଲର୍ଜି ଭଳି



ସମସ୍ୟା ଦେଖାଦେଇପାରେ। ଆସ୍ଥମା ଥିବା ବ୍ୟକ୍ତିଙ୍କଠାରେ ଲକ୍ଷଣ ଆହୁରି ବଢ଼ିପାରେ। ବିଶେଷଜ୍ଞଙ୍କ ମତରେ, ଘରକୁ ଶୁଖିଲା ଓ ବାୟୁ ଚଳାଚଳ ଯୁକ୍ତ ରଖିବା ହେଉଛି ଫଙ୍ଗସ୍ ନିୟନ୍ତ୍ରଣର ସବୁଠାରୁ ଭଲ ଉପାୟ। ଝରକା ଖୋଲି ରଖିବା, ବାଥରୁମ୍ ଓ ରୋଷେଇ ଘରରେ ଏଗ୍‌ଜଷ୍ଟ ଫ୍ୟାନ୍ ବ୍ୟବହାର କରିବା, ଘର ଭିତରେ ଓଦା ପୋଷାକ ନଶୁଖାଇବା ଏବଂ ଛାତ କିମ୍ବା ପାଇପ୍‌ର ଲିକେଜ୍ ତୁରନ୍ତ ମରାମତି କରିବା ଜରୁରୀ। ଆବଶ୍ୟକ ହେଲେ ଡିହ୍ୟୁମିଡିଫାୟର କିମ୍ବା ୱାଟରପ୍ରୁଫିଂର ସହାୟତା ନିଆଯାଇପାରେ। କାନ୍ଥରେ ଅଳ୍ପ ଫଙ୍ଗସ୍ ଦେଖାଗଲେ ଉପଯୁକ୍ତ ସୁରକ୍ଷା ସାମଗ୍ରୀ ପିନ୍ଧି ସଫା କରିବା ସହ ଆର୍ଦ୍ରତାର ମୂଳ କାରଣ ଦୂର କରିବା ଆବଶ୍ୟକ। ଏହାସହ ଫଙ୍ଗସ୍ ସଂସ୍ପର୍ଶରେ ଆସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।




ବର୍ଷା ଆସିଲେ ଏକପଟେ ଗରମରୁ ଆଶ୍ୱସ୍ତି ମିଳୁଛି, ହେଲେ ଅନ୍ୟପଟେ ଅନେକଙ୍କ ପାଇଁ ଏହି ମୌସୁମୀ ନେଇ ଆସୁଛି ମୁଣ୍ଡବିନ୍ଧାର ସମସ୍ୟା । ବାରମ୍ବାର ମୁଣ୍ଡ ବିନ୍ଧିବା, ସକାଳୁ ଉଠିବା ପରେ ମୁଣ୍ଡରେ ପ୍ରବଳ ଯନ୍ତ୍ରଣା ହେବା କିମ୍ବା ହଠାତ୍ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଅନେକଙ୍କଠାରେ ଦେଖାଯାଉଛି ।

ତେବେ ବର୍ଷା ହେଲେ ହିଁ ମୁଣ୍ଡବିନ୍ଧା ହୁଏ କି ?
ଡାକ୍ତରଙ୍କ କହିବା ଅନୁସାରେ, ସିଧାସଳଖ ବର୍ଷା ମୁଣ୍ଡବିନ୍ଧାର କାରଣ ନୁହେଁ କିନ୍ତୁ ମୌସୁମୀ ସମୟରେ ପାଗରେ ହେଉଥିବା ପରିବର୍ତ୍ତନ—ବିଶେଷକରି ତାପମାତ୍ରାର ଉଠାପଡ଼ା—କିଛି ଲୋକଙ୍କଠାରେ ମାଇଗ୍ରେନ୍‌କୁ ଟ୍ରିଗର କରିପାରେ । ଏହା ସହିତ ବର୍ଷାଦିନରେ ଭାଇରାଲ୍ ସଂକ୍ରମଣ, ଥଣ୍ଡା, ସର୍ଦ୍ଦି ଓ ନାକ ବନ୍ଦ ହେବା ଭଳି ସମସ୍ୟା ମଧ୍ୟ ମୁଣ୍ଡବିନ୍ଧାର କାରଣ ହୋଇପାରେ ।

ତେବେ ମାଇଗ୍ରେନ୍‌କୁ କିପରି ଚିହ୍ନିବେ ?
ଯଦି ମୁଣ୍ଡବିନ୍ଧା ସମୟରେ ଆଲୋକ କିମ୍ବା ଅଧିକ ଶବ୍ଦରେ ଯନ୍ତ୍ରଣା ବଢିଯାଉଛି, ଏହା ସହିତ ବାନ୍ତି ଲାଗୁଛି କିମ୍ବା ବାନ୍ତି ହେଉଛି, ତେବେ ଏହା ମାଇଗ୍ରେନ୍‌ର ଲକ୍ଷଣ ହୋଇପାରେ । ମୌସୁମୀରେ ପାଗର ପରିବର୍ତ୍ତନ ଏଭଳି ଲୋକଙ୍କଠାରେ ମାଇଗ୍ରେନ୍‌କୁ ଆହୁରି ବଢାଇପାରେ । ସେପଟେ ଲଗାତାର ମୁଣ୍ଡବିନ୍ଧା ହେଉଥିଲେ ନିଜ ଇଚ୍ଛାରେ ବାରମ୍ବାର ପେନ୍‌କିଲର୍ ଖାଇବା ଠିକ୍ ନୁହେଁ । କାରଣ ମୁଣ୍ଡବିନ୍ଧାର ପ୍ରକୃତ କାରଣ ଜାଣିବା ଜରୁରୀ । କିଛି ଲକ୍ଷଣକୁ କିନ୍ତୁ ଆଦୌ ଅଣଦେଖା କରନ୍ତୁ ନାହିଁ । ଯଦି ହଠାତ୍ ଅତ୍ୟଧିକ ମୁଣ୍ଡବିନ୍ଧା ହୁଏ, ଏହା ସହିତ ବେହୋସ୍ ହେବା, କଥା କହିବାରେ ସମସ୍ୟା କିମ୍ବା ଶରୀରର କୌଣସି ଅଂଶ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଦିଏ, ତେବେ ଏହାକୁ ସାଧାରଣ ମୁଣ୍ଡବିନ୍ଧା ଭାବି ଘରେ ଚିକିତ୍ସା କରନ୍ତୁ ନାହିଁ । ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ମୌସୁମୀରେ ମୁଣ୍ଡବିନ୍ଧାରୁ ବର୍ତ୍ତିବା ପାଇଁ ପର୍ଯ୍ୟାପ୍ତ ନିଦ ନିଅନ୍ତୁ । ବର୍ଷାରେ ଭିଜିବା ପରେ ଦୀର୍ଘ ସମୟ ଯାଏ ଭିଜା ପୋଷାକରେ ରୁହନ୍ତୁ ନାହିଁ । ସର୍ଦ୍ଦି, ଜ୍ୱର କିମ୍ବା ଭାଇରାଲ୍ ସଂକ୍ରମଣକୁ ଅଣଦେଖା କରନ୍ତୁ ନାହିଁ । ଆଉ ସବୁଠାରୁ ବଡ଼ କଥା ହେଉଛି—ନିଜ ଇଚ୍ଛାରେ ଔଷଧ ଖାଇବାରୁ ଦୂରେଇ ରୁହନ୍ତୁ । ଯଦି ଦୁଇ ଦିନରୁ ଅଧିକ ସମୟ ଧରି ମୁଣ୍ଡବିନ୍ଧା ଲାଗି ରହୁଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ତେଣୁ ମୌସୁମୀରେ ବାରମ୍ବାର ମୁଣ୍ଡବିନ୍ଧା ହେଉଥିଲେ ଏହାକୁ ସାଧାରଣ ଭାବି ଅଣଦେଖା କରନ୍ତୁ ନାହିଁ । ସମସ୍ୟାର କାରଣ ଜାଣନ୍ତୁ, ଆବଶ୍ୟକ ହେଲେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।




**ଆପଣ କଦଳୀ ଖାଇବାକୁ ପସନ୍ଦ କରନ୍ତି କି ? ଯଦି ହଁ, ତେବେ କଦଳୀ ଖାଇବାର ସମୟ କଣ ? କାରଣ ବେଳେବେଳେ ଆମେ ଏମିତି ଅସମୟରେ କଦଳୀ ଖାଇଥାଉ, ଯାହା ଦ୍ୱାରା ଆମର ସ୍ୱାସ୍ଥ୍ୟ ଖରାପ ହୋଇଥାଏ । ତେବେ କଦଳୀ ଖାଇବାର ସଠିକ ସମୟକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା ଯେ କଦଳୀରୁ ସମ୍ପୂର୍ଣ୍ଣ ପୋଷଣ ପାଇବା ପାଇଁ ସକାଳ ଜଳଖିଆ ଖାଇବାର ୧ ରୁ ୨ ଘଣ୍ଟା ପରେ କଦଳୀ ଖାଇବା ସବୁଠାରୁ ଉତ୍ତମ।**

### ଖାଲି ପେଟରେ କାହିଁକି ଖାଇବେ ନାହିଁ ? :

ସକାଳେ ଖାଲି ପେଟରେ କଦଳୀ ଖାଇବା ଦ୍ୱାରା ରକ୍ତରେ ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍‌ର ମାତ୍ରା ହଠାତ୍ ବୃଦ୍ଧି ପାଏ, ଯାହା ପାଚନ ତନ୍ତ୍ର ଉପରେ ପ୍ରଭାବ ପକାଏ। ଏହାସହ ବ୍ଲଡ୍ ସୁଗାର ସ୍ତର ଶୀଘ୍ର ବଢ଼ି ପୁଣି ହଠାତ୍ କମିଯାଏ। ସେହିପରି ବିଶେଷଜ୍ଞଙ୍କ ମତରେ ରାତି ସମୟରେ ମଧ୍ୟ କଦଳୀ ଖାଇବା ଉଚିତ ନୁହେଁ । ରାତି ସମୟରେ ଆମର ପାଚନ କ୍ରିୟା ଓ ମେଟାବୋଲିଜିମ୍ ଧୀମା ହୋଇଯାଏ। ତେଣୁ ରାତିରେ କଦଳୀ ଖାଇଲେ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଦେଇପାରେ ଏବଂ କଫ/ସର୍ଦ୍ଦି ବୃଦ୍ଧି ପାଇବାର ଆଶଙ୍କା ଥାଏ।

### ସଠିକ୍ ସମୟରେ କଦଳୀ ଖାଇବାର ୪ଟି ମୁଖ୍ୟ ଲାଭ :

କଦଳୀରେ ପ୍ରାକୃତିକ ଶର୍କରା, କାର୍ବୋହାଇଡ୍ରେଟ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍ ବି୬ ଓ ଫାଇବର୍ ପ୍ରଚୁର ମାତ୍ରାରେ ଥାଏ। ଜଳଖିଆ ପରେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଧୀରେ ଧୀରେ ଶକ୍ତି ମିଳେ, ଯାହା ଦ୍ୱାରା ଦିପହର ପର୍ଯ୍ୟନ୍ତ କ୍ଲାନ୍ତି ଓ ଦୁର୍ବଳତା ଅନୁଭୂତ ହୁଏନାହିଁ। ଏଥିରେ ଥିବା ଦ୍ରବଣୀୟ ଓ ଅଦ୍ରବଣୀୟ ଫାଇବର୍ ଖାଦ୍ୟକୁ ସହଜରେ ହଜମ କରିବାରେ ସାହାଯ୍ୟ କରେ। ଏହା କୋଷ୍ଠକାଠିନ୍ୟ ଓ ଗ୍ୟାସ୍ ସମସ୍ୟାରୁ ମୁକ୍ତି ଦିଏ। କଦଳୀରେ ଥିବା ପୋଟାସିୟମ୍ ଓ ପ୍ରାକୃତିକ ଆଣ୍ଟାସିଡ୍ ଗୁଣ ପେଟର ଏସିଡ୍‌କୁ ନିଷ୍କ୍ରିୟ କରେ, ଯାହା ଦ୍ୱାରା ପେଟ ଜଳାପୋଡ଼ା ଓ ପେଟ ଫୁଲିବା ସମସ୍ୟା ହୁଏନାହିଁ। ସେହିପରି କଦଳୀ ପୋଟାସିୟମ୍‌ର ଏକ ଭଲ ଉତ୍ସ ଏବଂ ଏଥିରେ ସୋଡିୟମ୍‌ର ମାତ୍ରା ନଗଣ୍ୟ। ଏହା ଶରୀରରେ ସୋଡିୟମ୍‌ର କୁପ୍ରଭାବକୁ କମାଇ ରକ୍ତଚାପକୁ ସାଧାରଣ ରଖିବାରେ ଏବଂ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

## ପ୍ରାକୃତିକ ରୁମ୍ ଫ୍ରେସନର ତେଜପତ୍ର

ରୋଷେଇ ଘରେ ପ୍ରାୟତଃ ବ୍ୟବହୃତ ତେଜପତ୍ରକୁ ଆମେ ସାଧାରଣତଃ ମସଲା ଭାବରେ ଜାଣୁ। କିନ୍ତୁ ଏହି ସୁଗନ୍ଧିତ ପତ୍ର କେବଳ ଖାଦ୍ୟର ସ୍ୱାଦ ବୃଦ୍ଧିରେ ସୀମିତ ନୁହେଁ। ଦୈନିକ ଜୀବନର ଅନେକ ଘରୋଇ କାମରେ ମଧ୍ୟ ଏହା ବହୁତ ଉପକାରୀ ବୋଲି ଜଣାପଡ଼ିଛି। ଦୁର୍ଗନ୍ଧ ହ୍ରାସ କରେ: ତେଜପତ୍ରର ସୁଗନ୍ଧ ଘରର ପରିବେଶକୁ ସତେଜ କରିପାରେ। ଯଦି ଘର କିମ୍ବା ଷ୍ଟୋରରୁମ୍‌ରୁ ଅପ୍ରୀତିକର ଗନ୍ଧ ଆସୁଛି, ତେବେ କିଛି ତେଜପତ୍ର ପାଣିରେ ଫୁଟାଇବା ଦ୍ୱାରା ଏହି ସମସ୍ୟା ହ୍ରାସ ପାଇପାରେ। ଏହାକୁ ପ୍ରାକୃତିକ ରୁମ୍ ଫ୍ରେସନର ଭାବରେ ମଧ୍ୟ ବ୍ୟବହାର କରିହେବ। ସେପରି, ତେଜପତ୍ରର ତୀବ୍ର ସୁଗନ୍ଧ କୀଟପତଙ୍ଗ ଓ ଛୋଟ ପୋକମାକଡ଼କୁ ଦୂରେଇ ରଖିବାରେ ସହାୟକ ବୋଲି ଲୋକମାନଙ୍କ ଧାରଣା। ଏହି କାରଣରୁ ଅନେକେ ଆଲମାରୀ, ଚାଉଳ ଡବାରେ ଶୁଖିଲା ତେଜପତ୍ର ରଖନ୍ତି। ବର୍ଷା ଦିନରେ ଜୋତା କିମ୍ବା ପୋଷାକରେ ହେଉଥିବା ଦୁର୍ଗନ୍ଧ ହ୍ରାସ କରିବାରେ ମଧ୍ୟ ଏହା ଉପକାରୀ। ଆଲମାରୀ କିମ୍ବା ଜୋତା ଭିତରେ କିଛି ତେଜପତ୍ର ରଖିଲେ ହାଲୁକା ପ୍ରାକୃତିକ ସୁଗନ୍ଧ ରହିଥାଏ। ଏହା ସହିତ, ତେଜପତ୍ର ଓ ଲେମ୍ବୁ ଚୋପାକୁ ପାଣିରେ ଫୁଟାଇ ରୋଷେଇ ଘରର ଦୁର୍ଗନ୍ଧ ଦୂର କରିବାର ଏକ ସହଜ ଉପାୟ ମଧ୍ୟ ଲୋକପ୍ରିୟ ହେଉଛି। ସୋସିଆଲ ମିଡିଆରେ ଏହି ହ୍ୟାକ୍ ବହୁତ ଚର୍ଚ୍ଚିତ। ଯଦିଓ ଏହି ସବୁ ବ୍ୟବହାର ପାଇଁ ପ୍ରତ୍ୟେକ କ୍ଷେତ୍ରରେ ବୈଜ୍ଞାନିକ ପ୍ରମାଣ ସ୍ପଷ୍ଟ ନୁହେଁ, ତଥାପି ଦୀର୍ଘଦିନ ଧରି ପାରମ୍ପରିକ ଭାବେ ଲୋକମାନେ ଏହାକୁ ବ୍ୟବହାର କରୁଛନ୍ତି। ସହଜ ଓ ଶସ୍ତା ହେବା ସହିତ ତେଜପତ୍ର ଘରୋଇ କାମକୁ ସରଳ କରିପାରେ ବୋଲି ବିଶ୍ୱାସ କରାଯାଉଛି।




ଆମର କେତେକ ଦୈନନ୍ଦିନ ଭୁଲ୍ ଓ ଖରାପ ଜୀବନଶୈଳୀ ଯୋଗୁଁ ଶରୀରରେ ୟୁରିକ୍ ଏସିଡ୍‌ର ମାତ୍ରା ବଢ଼ିଯାଇଥାଏ। ଆମେ ଏହାକୁ ହାଲୁକାରେ ନେଇଥାଉ । କିନ୍ତୁ ଲଗାତାର ୟୁରିକ ଏସିଡ ବଢିବା ଦ୍ୱାରା ଅନେକ ରୋଗ ହୋଇପାରେ । ଆସନ୍ତୁ ଆଜି ଜାଣିବା କେତେବେଳେ ଶରୀରରେ ୟୁରିକ ଏସିଡ ମାତ୍ରା ବଢିଯାଏ । ଆମ ଶରୀରରେ ପ୍ୟୁରିନ୍ ନାମକ ତତ୍ତ୍ୱ ବିଘଟିତ ହେବା ଦ୍ୱାରା ୟୁରିକ୍ ଏସିଡ୍ ତିଆରି ହୋଇଥାଏ। ସାଧାରଣତଃ କିଡ୍‌ନୀ ଏହାକୁ ଛାଣି ମୂତ୍ର ମାଧ୍ୟମରେ ବାହାର କରିଦିଏ। ମାତ୍ର ଅନୁଚିତ ଆହାର ଓ କମ୍ ଶାରୀରିକ ପରିଶ୍ରମ ଯୋଗୁଁ ଏହାର ସ୍ତର ବଢ଼ିଯାଏ, ଯାହା ଗଣ୍ଠି ବିନ୍ଧା ଓ ଫୁଲା ଭଳି ସମସ୍ୟା ସୃଷ୍ଟି କରେ।

*ୟୁରିକ୍ ଏସିଡ୍ ବଢ଼ିବାର ମୁଖ୍ୟ କାରଣ*

ଅଧିକ ପ୍ୟୁରିନ୍‌ଯୁକ୍ତ ଖାଦ୍ୟ: ରେଡ୍ ମିଟ୍, ଅର୍ଗାନ୍ ମିଟ୍ (କଲିଜା, କିଡ୍‌ନୀ) ଏବଂ କେତେକ ସି-ଫୁଡ୍‌ରେ ପ୍ରଚୁର ପ୍ୟୁରିନ୍ ଥାଏ।

ମିଠା ଓ କୋଲ୍ଡ ଡ୍ରିଙ୍କସ୍: ଅତ୍ୟଧିକ ଚିନି ଓ ଫ୍ରୁକ୍ଟୋଜ୍ ଯୁକ୍ତ ସଫ୍ଟ ଡ୍ରିଙ୍କସ୍ ଏବଂ ପ୍ୟାକେଜ୍ଡ ଜୁସ୍ ୟୁରିକ୍ ଏସିଡ୍ ବଢ଼ାଇଥାଏ।

ମଦ୍ୟପାନ: ବିଶେଷ କରି ବିୟର ପିଇବା ଦ୍ୱାରା ଶରୀରରୁ ୟୁରିକ୍ ଏସିଡ୍ ବାହାରିବା ପ୍ରକ୍ରିୟା ଧୀମା ହୋଇଯାଏ।

କମ୍ ପାଣି ପିଇବା: ପର୍ଯ୍ୟାପ୍ତ ପାଣି ନ ପିଇଲେ କିଡ୍‌ନୀ ଶରୀରରୁ ବିଷାକ୍ତ ପଦାର୍ଥ ଓ ୟୁରିକ୍ ଏସିଡ୍‌କୁ ଭଲଭାବେ ବାହାର କରିପାରେ ନାହିଁ।

ଅଳସୁଆ ଜୀବନଶୈଳୀ: ଶାରୀରିକ ପରିଶ୍ରମର ଅଭାବ ଓ ଦୀର୍ଘ ସମୟ ବସି ରହିବା ଦ୍ୱାରା ମେଟାବୋଲିଜିମ୍ ଧୀମା ହୋଇଯାଏ।

ୟୁରିକ୍ ଏସିଡ୍ କମାଇବାର ସହଜ ଉପାୟ

ଖାଦ୍ୟପେୟରେ ପରିବର୍ତ୍ତନ: ରେଡ୍ ମିଟ୍, ଅର୍ଗାନ୍ ମିଟ୍ ଓ ମଦ୍ୟପାନଠାରୁ ଦୂରେଇ ରୁହନ୍ତୁ।

ଫଳ ଓ ପରିବା ସେବନ: କାକୁଡ଼ି, ଅମୃତଭଣ୍ଡା, ସେଓ, ତାଜା ପରିବା ଓ ଗଜା ମୁଗ ଖାଇବା ଦ୍ୱାରା ୟୁରିକ୍ ଏସିଡ୍ ନିୟନ୍ତ୍ରଣରେ ରହେ।

ସ୍ୱାସ୍ଥ୍ୟକର ପାନୀୟ: ମିଠା ପାନୀୟ ବଦଳରେ ପ୍ରଚୁର ପାଣି, ନଡ଼ିଆ ପାଣି କିମ୍ବା ଲେମ୍ବୁ ପାଣି ପିଅନ୍ତୁ।

ନିୟମିତ ବ୍ୟାୟାମ: ପ୍ରତିଦିନ ସକାଳେ ଚାଲିବା କିମ୍ବା ହାଲୁକା ଯୋଗାସନ କରିବା ଦ୍ୱାରା ଶରୀରର ମେଟାବୋଲିଜିମ୍ ସୁଧୁରିଥାଏ।

କେବେ ଡାକ୍ତରଙ୍କ ପରାମର୍ଶ ନେବେ ?
ଯଦି ଆପଣଙ୍କର ଗଣ୍ଠିଗୁଡ଼ିକରେ କ୍ରମାଗତ ଯନ୍ତ୍ରଣା, ଫୁଲା କିମ୍ବା ଶକ୍ତ ହୋଇଯିବା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ରକ୍ତ ପରୀକ୍ଷା କରାଇବା ଆବଶ୍ୟକ।

## ବର୍ଷା ଦିନେ ଥଣ୍ଡା-କାଶ ପାଇଁ ଅଦା ଚା' ନା କାଢ଼ା ? କେଉଁଟି ଅଧିକ ଉପକାରୀ

ବର୍ଷା ଋତୁ ଆସିଲେ ଅନେକଙ୍କ ମଧ୍ୟରେ ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଓ ଜ୍ୱର ଭଳି ସମସ୍ୟା ଦେଖାଯାଏ । ଏପରି ସମୟରେ କେହି ଔଷଧ ଖାଇଥାନ୍ତି, ଆଉ କେହି ଘରୋଇ ଉପାୟ ଯଥା ଅଦା ଚା କିମ୍ବା କାଢ଼ା ପିଇବାକୁ ପସନ୍ଦ କରନ୍ତି । ତେବେ ଏହି ଦୁଇଟି ମଧ୍ୟରୁ କେଉଁଟି ଅଧିକ ଭଲ, ସେଥିପାଇଁ ଜାଣିବା ଜରୁରୀ । ହାଲୁକା ଥଣ୍ଡା, ଗଳା ଖରାପ କିମ୍ବା ଶରୀର ଥଣ୍ଡା ଲାଗୁଥିଲେ ଅଦା ଚା' ଏକ ଭଲ ବିକଳ୍ପ ହୋଇପାରେ । ଏହା ଗଳାକୁ ଆରାମ ଦେବା ସହ ଶରୀରକୁ ଉଷ୍ମ ରଖିବାରେ ସାହାଯ୍ୟ କରିପାରେ । ତେବେ ଚାରେ ଅଧିକ ଚିନି ବ୍ୟବହାର ନ କରିବା ଏବଂ ବାରମ୍ବାର ଚା ପିଇବାକୁ ଏଡ଼ାଇବା ଭଲ । ଅନ୍ୟପଟେ ଥଣ୍ଡା, କାଶ କିମ୍ବା ଗଳାର ସମସ୍ୟା ଅଧିକ ଥିଲେ କାଢ଼ା ପିଇପାରନ୍ତି । କାଢ଼ାରେ ଅଦା ସହ ତୁଳସୀ, ଗୋଲମରିଚ, ଡାଲଚିନି ଭଳି ଉପାଦାନ ଥାଏ, ଯାହା ଶରୀରକୁ ଉଷ୍ମତା ଦେଇପାରେ । କିନ୍ତୁ ଏହାକୁ ଅଧିକ ପରିମାଣରେ ପିଇବା ଉଚିତ ନୁହେଁ । ଅତ୍ୟଧିକ କାଢ଼ା ପିଇଲେ କେତେକଙ୍କର ପେଟରେ ଜ୍ୱାଳା କିମ୍ବା ଅନ୍ୟାନ୍ୟ ଅସୁବିଧା ହୋଇପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, କେବଳ ଅଦା ଚା କିମ୍ବା କାଢ଼ା ଉପରେ ନିର୍ଭର କରିବା ଠିକ୍ ନୁହେଁ । ବର୍ଷା ଦିନରେ ସନ୍ତୁଳିତ ଖାଦ୍ୟ ଖାଇବା, ପର୍ଯ୍ୟାପ୍ତ ପାଣି ପିଇବା, ଫାଷ୍ଟ ଫୁଡ଼ କମ୍ ଖାଇବା ଏବଂ ଭଲ ନିଦ ନେବା ମଧ୍ୟ ସମାନ ଭାବେ ଜରୁରୀ । ଯଦି ଜ୍ୱର, ତୀବ୍ର କାଶ କିମ୍ବା ଶ୍ୱାସ ନେବାରେ ସମସ୍ୟା କେତେକ ଦିନ ଧରି ରହେ, ତେବେ ଘରୋଇ ଉପାୟରେ ସମୟ ନଷ୍ଟ ନ କରି ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ହାଲୁକା ଅସୁସ୍ଥତାରେ ଅଦା ଚା' ଉପକାରୀ ହୋଇପାରେ, ହେଲେ ଥଣ୍ଡା -କାଶ ଅଧିକ ହେଉଥିଲେ ସୀମିତ ପରିମାଣରେ କାଢ଼ା ପିଇପାରନ୍ତି । ଅତ୍ୟଧିକ କାଢ଼ା ବା ଅଦା ଚା' ପଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ । ଏଣୁ ଡାକ୍ତରଙ୍କ ପରାମର୍ଶ ମଧ୍ୟ ଜରୁରୀ ।

# ସୁସ୍ଥ କେଶ ପାଇଁ ଦାମୀ ସାମ୍ପୁ ନୁହେଁ: ସଠିକ୍ ଖାଦ୍ୟ ଜରୁରୀ

ସୁନ୍ଦର, ଘନ ଓ ଲମ୍ବା କେଶ ପାଇବାକୁ ଅଧିକାଂଶ ଲୋକ ଦାମୀ ସାମ୍ପୁ କିମ୍ବା ତେଲ ଉପରେ ନିର୍ଭର କରୁଥିବା ବେଳେ, ବାସ୍ତବରେ ଏହାର ମୂଳ ରହସ୍ୟ ଆମ ଦୈନନ୍ଦିନ ଖାଦ୍ୟରେ ଲୁଚି ରହିଛି। ବିଶେଷଜ୍ଞମାନଙ୍କ ମତାନୁସାରେ, କେଶର ସ୍ୱାସ୍ଥ୍ୟ ଆମ ଶରୀରର ଭିତରୁ ଆସୁଥିବା ପୋଷଣ ଉପରେ ନିର୍ଭର କରେ।

ସାଧାରଣତଃ କେଶ ଝଡ଼ିବା କିମ୍ବା ଧୀର ବୃଦ୍ଧିର କାରଣ ଖୋଜିବା ସମୟରେ ଆମେ ବାହ୍ୟ ଦ୍ରବ୍ୟକୁ ଦୋଷ ଦେଉଥାଉ, କିନ୍ତୁ ପ୍ରକୃତ ସମସ୍ୟା ଆମ ଖାଦ୍ୟ ଅଭ୍ୟାସରେ ଲୁଚି ରହିଥାଏ।

ଶରୀରକୁ ଯଥେଷ୍ଟ ପୋଷକ ତତ୍ତ୍ୱ ମିଳିଲେ ଏହାର ପ୍ରଭାବ ପ୍ରଥମେ କେଶ ଉପରେ ଦେଖାଯାଏ। ତେଣୁ ସୁସ୍ଥ ଓ ଶକ୍ତିଶାଳୀ କେଶ ପାଇଁ ସଠିକ୍ ଖାଦ୍ୟ ଅଭ୍ୟାସ ଅତ୍ୟାବଶ୍ୟକ।

ସୁସ୍ଥ କେଶ ପାଇଁ ଜରୁରୀ ଖାଦ୍ୟ:

ପ୍ରୋଟିନ୍ ଭରା ଖାଦ୍ୟ: କେଶର ମୂଳ ଉପାଦାନ କେରାଟିନ୍, ଯାହା ପ୍ରୋଟିନ୍‌ରୁ ତିଆରି ହୋଇଥାଏ। ଡାଲି, ମୁଗ, ଚଣା, ରାଜମା, ସୋୟାବିନ୍, ଅଣ୍ଡା, କ୍ଷୀର ଓ ପନିର ଭଳି ଖାଦ୍ୟ କେଶ ବୃଦ୍ଧିକୁ ସହାୟତା କରେ।



ଲୌହ ସମୃଦ୍ଧ ସବୁଜ ପନିପରିବା: ପାଳଙ୍ଗ, ମେଥି, ସୋରିଷ ଶାଗ ଓ ବଥୁଆ ଭଳି ସବୁଜ ପତ୍ରଯୁକ୍ତ ଶାଗରେ ଆଇରନ୍ ଓ ଫୋଲେଟ୍ ଥାଏ, ଯାହା ରକ୍ତ ସଞ୍ଚାଳନ ବଢାଇ କେଶ ମୂଳକୁ ପୋଷଣ ଯୋଗାଏ।

ବାଦାମ ଓ ମଞ୍ଜି: ବାଦାମ, ଅଖରୋଟ, ଚିଆ ଓ ଅଳସୀ ମଞ୍ଜିରେ ଓମେଗା-୩ ଫ୍ୟାଟି ଏସିଡ୍, ବାୟୋଟିନ୍ ଓ ଭିଟାମିନ୍-ଇ ରହିଥାଏ। ଏହା କେଶକୁ ଶକ୍ତିଶାଳୀ କରି ଚମକ ବଢାଏ।

ଭିଟାମିନ-ସି ଭରପୂର ଫଳ: ଅଁଳା, କମଳା, ଲେମ୍ବୁ, ପିଜୁଳି ଓ ଅମୃତଭଣ୍ଡାରେ ଭିଟାମିନ-ସି ଥାଏ, ଯାହା କୋଲାଜେନ ଗଠନରେ ସାହାଯ୍ୟ କରି କେଶକୁ ଶକ୍ତିଶାଳୀ କରେ।

ପୁରା ଶସ୍ୟ: ଓଟସ୍, ବ୍ରାଉନ୍ ରାଇସ୍, ବାର୍ଲି ଓ ମାଣ୍ଡିଆରେ ଜିଙ୍କ, ଆଇରନ୍ ଓ ବି-କମ୍ପ୍ଲେକ୍ସ ଭିଟାମିନ୍ ରହିଥାଏ, ଯାହା କେଶ ବୃଦ୍ଧି ଚକ୍ରକୁ ପ୍ରୋତ୍ସାହିତ କରେ।

ଦୁଗ୍ଧଜାତ ଖାଦ୍ୟ: କ୍ଷୀର, ଦହି ଓ ପନିର କେବଳ କ୍ୟାଲସିୟମ୍ ନୁହେଁ, ପ୍ରୋଟିନ୍ ଓ ଭିଟାମିନ୍ ବି୧୨ ଯୋଗାଇ କେଶକୁ ଭିତରୁ ମଜଭୁତ କରେ।

ପାଣି ଓ ସ୍ୱାସ୍ଥ୍ୟକର ଚର୍ବି: ଦିନକୁ ୮-୧୦ ଗ୍ଲାସ୍ ପାଣି ପିଇବା କେଶକୁ ହାଇଡ୍ରେଟ୍ ରଖେ। ଏହା ସହିତ ଘିଅ, ଚିନାବାଦାମ ତେଲ ଓ ଅଲିଭ୍ ତେଲ ପରି ସ୍ୱାସ୍ଥ୍ୟକର ଚର୍ବି କେଶକୁ କୋମଳ ଓ ଚକଚକିଆ କରେ।

ସୁନ୍ଦର ଓ ଘନ କେଶ ପାଇଁ ବାହ୍ୟ ଦ୍ରବ୍ୟ ଠାରୁ ବେଶି ଆବଶ୍ୟକ ହେଉଛି ସଠିକ୍ ପୋଷଣ।

# ନ୍ୟାୟପାଳିକାରେ ସ୍ୱଚ୍ଛତା: ମେଧା ରୂପମ ମାମଲାରେ ରୋଷ୍ଟର ନିୟମ ଉଲ୍ଲଂଘନ କାହିଁକି ?

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବା ସୁପ୍ରିମକୋର୍ଟ ଦେଶର ନ୍ୟାୟିକ ବ୍ୟବସ୍ଥାର ସର୍ବୋଚ୍ଚ ଶିଖରରେ ଅବସ୍ଥାପିତ, ଯାହାର ନିଷ୍ପତ୍ତି ଏବଂ କାର୍ଯ୍ୟପ୍ରଣାଳୀ ଉପରେ ସମଗ୍ର ଦେଶର ନଜର ରହିଥାଏ । ନ୍ୟାୟପାଳିକାର ସ୍ୱଚ୍ଛତା ଏବଂ ନିରପେକ୍ଷତାକୁ ବଜାୟ ରଖିବା ପାଇଁ ସୁପ୍ରିମକୋର୍ଟରେ ଏକ ସୁନିର୍ଦ୍ଦିଷ୍ଟ ରୋଷ୍ଟର ବ୍ୟବସ୍ଥା ବା ମାମଲା ଆବଣ୍ଟନ ପ୍ରକ୍ରିୟା ରହିଛି । କିନ୍ତୁ ସାମ୍ପ୍ରତିକ ସମୟରେ ଉତ୍ତରପ୍ରଦେଶର ଗୌତମ ବୁଦ୍ଧ ନଗର (ନୋଏଡା) ଜିଲ୍ଲାପାଳ ମେଧା ରୂପମଙ୍କ ସହ ଜଡିତ ଏକ ସମ୍ବେଦନଶୀଳ ମାମଲାର ଶୁଣାଣି ସୁପ୍ରିମକୋର୍ଟର ସର୍ବକନିଷ୍ଠ ଖଣ୍ଡପୀଠରେ ହେବାକୁ ନେଇ ଏକ ବଡ଼ ବିବାଦ ମୁଣ୍ଡ ଟେକିଛି । ଏହି ଘଟଣା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ନ୍ୟାୟାଳୟର ଆଭ୍ୟନ୍ତରୀଣ କାର୍ଯ୍ୟପ୍ରଣାଳୀ ଏବଂ ମାମଲା ତାଲିକାଭୁକ୍ତ କରିବାର ସ୍ୱଚ୍ଛତା ଉପରେ ଅନେକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସମ୍ପାଦକୀୟରେ ଆମେ ଏହି ବିବାଦର ପୃଷ୍ଠଭୂମି, ଆଇନଗତ ଦିଗ ଏବଂ ଏହାର ସୁଦୂରପ୍ରସାରୀ ପ୍ରଭାବ ଉପରେ ଏକ ତଥ୍ୟଭିତ୍ତିକ ତଥା ବିଶ୍ଳେଷଣାତ୍ମକ ଆଲୋଚନା କରିବା ।

ଏହି ବିବାଦର ମୂଳଦୁଆ ଚଳିତ ବର୍ଷ ଏପ୍ରିଲ ମାସରେ ନୋଏଡା ଠାରେ ହୋଇଥିବା ଶ୍ରମିକ ଆନ୍ଦୋଳନ ସହିତ ଜଡିତ । ଦରମା ବୃଦ୍ଧି ଏବଂ ପଡ଼ୋଶୀ ହରିୟାଣା ରାଜ୍ୟ ସହିତ ସମାନ ମଜୁରୀ ଦାବିରେ ଶ୍ରମିକମାନେ କରୁଥିବା ଏହି ଆନ୍ଦୋଳନ ଏପ୍ରିଲ ୧୩ ତାରିଖରେ ହିଂସାତ୍ମକ ରୂପ ନେଇଥିଲା । ଏହି ଘଟଣାରେ ପୋଲିସ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୨୫ ବର୍ଷୀୟା ଛାତ୍ରୀ ତଥା ସାମାଜିକ କର୍ମୀ ଆକୃତି ଚୌଧୁରୀଙ୍କୁ ଗିରଫ କରିଥିଲା । ପରବର୍ତ୍ତୀ ସମୟରେ, ମେ ମାସରେ ନୋଏଡା ଜିଲ୍ଲାପାଳ ମେଧା ରୂପମ ଆକୃତିଙ୍କ ବିରୋଧରେ କଠୋର ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଇନ ଏତେ କଠୋର ଯେ, ଏହା ବଳରେ ବିନା ବିଚାରରେ ଜଣେ ବ୍ୟକ୍ତିଙ୍କୁ ବର୍ଷେ ପର୍ଯ୍ୟନ୍ତ ଅଟକ ରଖାଯାଇପାରିବ । ଆକୃତି ପ୍ରାୟ ପାଞ୍ଚ ମାସ ଧରି ଜେଲରେ ରହିବା ପରେ ନ୍ୟାୟ ପାଇଁ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେପ୍ଟେମ୍ବର ୨ ତାରିଖରେ ଆଲ୍ଲାହାବାଦ ହାଇକୋର୍ଟର ବିଚାରପତି ଅତୁଲ ଶ୍ରୀଧରନ ଏବଂ ବିଚାରପତି ଅଚଲ ସଚଦେବଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏକ ଐତିହାସିକ ରାୟ ଶୁଣାଇଥିଲେ । ହାଇକୋର୍ଟ ଆକୃତିଙ୍କ ଉପରେ ଲାଗିଥିବା ଏନଏସଏକୁ ସମ୍ପୂର୍ଣ୍ଣ ବେଆଇନ ଦର୍ଶାଇ ଖାରଜ କରିଦେଇଥିଲେ ଏବଂ ପୋଲିସର କାହାଣୀକୁ ମନଗଢ଼ା ବୋଲି କହିଥିଲେ । ଏହା ସହିତ କୋର୍ଟ ଜିଲ୍ଲାପାଳ ମେଧା ରୂପମଙ୍କ କାର୍ଯ୍ୟଶୈଳୀକୁ ତୀବ୍ର ସମାଲୋଚନା କରିଥିଲେ । କ୍ଷମତାର ଅପବ୍ୟବହାର କରିଥିବା ଦର୍ଶାଇ ହାଇକୋର୍ଟ ଜିଲ୍ଲାପାଳଙ୍କ ଉପରେ ୫ ଲକ୍ଷ ଟଙ୍କାର ଜୋରିମାନା ଲଗାଇଥିଲେ, ଯାହାକି ତାଙ୍କ ବ୍ୟକ୍ତିଗତ ଦରମାରୁ କାଟି ଆକୃତିଙ୍କୁ କ୍ଷତିପୂରଣ ଆକାରରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅମଲାତନ୍ତ୍ରର ଏଭଳି ସ୍ୱେଚ୍ଛାଚାରୀ ମନୋଭାବ ଉତ୍ତରପ୍ରଦେଶକୁ ଏକ 'ଅରୱେଲିଆନ ଡିଷ୍ଟୋପିଆ' ବା ଏକ ଅତ୍ୟାଚାରୀ ରାଷ୍ଟ୍ରରେ ପରିଣତ କରିଦେବ ବୋଲି ହାଇକୋର୍ଟ ନିଜ ରାୟରେ କଠୋର ଟିପ୍ପଣୀ ଦେଇଥିଲେ ।

ହାଇକୋର୍ଟଙ୍କ ଏହି କଠୋର ରାୟ ବିରୋଧରେ ଉତ୍ତରପ୍ରଦେଶ ସରକାର ଏବଂ ଜିଲ୍ଲାପାଳ ମେଧା ରୂପମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଠାରୁ ହିଁ ପ୍ରକୃତ ବିବାଦର ସୂତ୍ରପାତ ହୋଇଥିଲା । ସୁପ୍ରିମକୋର୍ଟରେ ଏହି ମାମଲାଟି ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ବିଚାରପତି ଏନ. କେ. ସିଂହଙ୍କୁ ନେଇ ଗଠିତ ସର୍ବକନିଷ୍ଠ ଖଣ୍ଡପୀଠରେ ତାଲିକାଭୁକ୍ତ ହୋଇଥିଲା । ତଥ୍ୟ ଅନୁଯାୟୀ, ଜୁଲାଇ ୧୩, ୨୦୨୬ ତାରିଖରେ ପ୍ରକାଶିତ ସୁପ୍ରିମକୋର୍ଟଙ୍କ ସର୍ବଶେଷ ରୋଷ୍ଟର ନିୟମାବଳୀ ଅନୁସାରେ, ହେବିୟସ କର୍ପସ (ବନ୍ଦୀ ପ୍ରତ୍ୟକ୍ଷୀକରଣ) ଏବଂ ନିବାରକ ଅଟକ (ପ୍ରିଭେଣ୍ଟିଭ୍ ଡିଟେନସନ୍) ସମ୍ବନ୍ଧୀୟ ମାମଲାଗୁଡ଼ିକ (ବର୍ଗ ୨୨୦୧-୨୨୦୨) କେବଳ ସର୍ବୋଚ୍ଚ ଚାରୋଟି ବରିଷ୍ଠ ଖଣ୍ଡପୀଠରେ ଶୁଣାଣି ହେବାର ବ୍ୟବସ୍ଥା ରହିଛି । ଏହି ଚାରୋଟି ଖଣ୍ଡପୀଠ ଯଥାକ୍ରମେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ, ବିଚାରପତି ବିକ୍ରମ ନାଥ, ବିଚାରପତି ବି. ଭି. ନାଗରତ୍ନା ଏବଂ ବିଚାରପତି ଏମ. ଏମ. ସୁନ୍ଦରେଶଙ୍କ ନେତୃତ୍ୱରେ ପରିଚାଳିତ । ନିୟମ ଅନୁଯାୟୀ ଏହି ମାମଲାଟି ଏହି ଚାରୋଟି ବରିଷ୍ଠ ଖଣ୍ଡପୀଠ ମଧ୍ୟରୁ କୌଣସି ଗୋଟିଏରେ ଶୁଣାଣି ହେବା କଥା । ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି, ନୋଏଡା ଶ୍ରମିକ ଆନ୍ଦୋଳନ ସହିତ ଜଡିତ ଅନ୍ୟ ଏକ ସମାନ ଧରଣର ହେବିୟସ କର୍ପସ ମାମଲା (କେଶବ ଆନନ୍ଦ ବନାମ ଉତ୍ତରପ୍ରଦେଶ ସରକାର) ପୂର୍ବରୁ ହିଁ ବିଚାରପତି ବି. ଭି. ନାଗରତ୍ନାଙ୍କ ଖଣ୍ଡପୀଠରେ ବିଚାରାଧୀନ ରହିଛି । ଏପରି ସ୍ଥିତିରେ, ଜିଲ୍ଲାପାଳଙ୍କ ମାମଲାଟି କିପରି ରୋଷ୍ଟର ନିୟମକୁ ଉଲ୍ଲଂଘନ କରି ସର୍ବକନିଷ୍ଠ ଖଣ୍ଡପୀଠ ନିକଟକୁ ଗଲା, ତାହା ଆଇନଜୀବୀ ଏବଂ ସାଧାରଣ ନାଗରିକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ପ୍ରଶାନ୍ତ ଭୂଷଣଙ୍କ ଭଳି ବରିଷ୍ଠ ଆଇନଜୀବୀମାନେ ସୋସିଆଲ ମିଡିଆରେ ଏହି ପ୍ରସଙ୍ଗ ଉଠାଇ ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରିର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି । ଏକ ନିର୍ଦ୍ଦିଷ୍ଟ ବର୍ଗର ମାମଲାକୁ ତାର ନିର୍ଦ୍ଧାରିତ ଖଣ୍ଡପୀଠ ବଦଳରେ ଅନ୍ୟ ଏକ ଖଣ୍ଡପୀଠକୁ ପଠାଇବା ସିଧାସଳଖ ଭାବରେ ସୁପ୍ରିମକୋର୍ଟର ପ୍ରଶାସନିକ ସ୍ୱଚ୍ଛତାକୁ ଆହ୍ୱାନ ଦେଉଛି ।

ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ସେପ୍ଟେମ୍ବର ୨୩ ତାରିଖରେ ଏହି ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ରାୟର ପାରାଗ୍ରାଫ୍ ୨୭ ରୁ ୩୩ ପର୍ଯ୍ୟନ୍ତ ଥିବା ଅଂଶ ଉପରେ ରୋକ ଲଗାଇଥିଲେ । ଏହି ଅଂଶରେ ଜିଲ୍ଲାପାଳଙ୍କ ଉପରେ କରାଯାଇଥିବା କଠୋର ଟିପ୍ପଣୀ ଏବଂ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଆଦେଶ ସାମିଲ ଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ସୁପ୍ରିମକୋର୍ଟଙ୍କ ୱେବସାଇଟରେ ଅପଲୋଡ୍ ହୋଇଥିବା ଆଦେଶନାମାରୁ ଏପରି ପ୍ରତୀୟମାନ ହେଉଥିଲା ଯେପରି ସମ୍ପୂର୍ଣ୍ଣ ହାଇକୋର୍ଟ ରାୟ (ଏନଏସଏ ଖାରଜ ସମେତ) ଉପରେ ରୋକ ଲଗାଇ ଦିଆଯାଇଛି । ତେବେ ସେପ୍ଟେମ୍ବର ୨୪ ତାରିଖରେ କୋର୍ଟ ନିଜ ଆଦେଶକୁ ସଂଶୋଧନ କରି ସ୍ପଷ୍ଟ କରିଥିଲେ ଯେ କେବଳ ଜିଲ୍ଲାପାଳଙ୍କ ବିରୋଧରେ ଥିବା ଟିପ୍ପଣୀ ଏବଂ ଜୋରିମାନା ଉପରେ ସ୍ଥଗିତାଦେଶ ଦିଆଯାଇଛି, କିନ୍ତୁ ଛାତ୍ରୀ ଆକୃତି ଚୌଧୁରୀଙ୍କ ଏନଏସଏ ଖାରଜ ଆଦେଶ ବଳବତ୍ତର ରହିବ । ଶୁଣାଣି ସମୟରେ ଜିଲ୍ଲାପାଳଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏବଂ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଯୁକ୍ତି ବାଢ଼ିଥିଲେ ଯେ ଏନଏସଏ ଲଗାଇବା ଏକ ବହୁ-ସ୍ତରୀୟ ପ୍ରକ୍ରିୟା, ଯେଉଁଥିରେ ପୋଲିସ ଷ୍ଟେସନ ଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କ ରିପୋର୍ଟ ସାମିଲ ଥାଏ । ତେଣୁ କେବଳ ଜିଲ୍ଲାପାଳଙ୍କୁ ଏଥିପାଇଁ ବ୍ୟକ୍ତିଗତ ଭାବେ ଦାୟୀ କରିବା ଏବଂ ତାଙ୍କ ଦରମାରୁ ଜୋରିମାନା ଆଦାୟ କରିବା ନ୍ୟାୟସଙ୍ଗତ ନୁହେଁ । କୋର୍ଟ ମଧ୍ୟ ଏହି ଯୁକ୍ତିକୁ ଗ୍ରହଣ କରି ମୌଖିକ ଭାବରେ କହିଥିଲେ ଯେ ଜଣେ ଅଧିକାରୀଙ୍କୁ ଏପରି ପୃଥକ କରି ଦଣ୍ଡିତ କରାଯାଇପାରିବ ନାହିଁ । ତେବେ ଏହି ଶୁଣାଣି ସମୟରେ ଆଉ ଏକ ଅସ୍ୱାଭାବିକ ଘଟଣା ଦେଖିବାକୁ ମିଳିଥିଲା । ଭିଡିଓ କନଫରେନ୍ସିଂ ମାଧ୍ୟମରେ ହେଉଥିବା ଶୁଣାଣି ବେଳେ ହଠାତ୍ ଅଡିଓ ମ୍ୟୁଟ୍ (ଶବ୍ଦ ବନ୍ଦ) କରିଦିଆଯାଇଥିଲା ଏବଂ ଗଣମାଧ୍ୟମର ପ୍ରବେଶ ଉପରେ କଟକଣା ଲଗାଯାଇଥିଲା, ଯାହାକି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅଧିକ ରହସ୍ୟମୟ କରିଦେଇଥିଲା ଏବଂ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ।

ଏହି ସମଗ୍ର ଘଟଣାକ୍ରମକୁ ଯଦି ବିଶ୍ଳେଷଣ କରାଯାଏ, ତେବେ ଏହା କେବଳ ଜଣେ ଜିଲ୍ଲାପାଳଙ୍କୁ ଦଣ୍ଡବିଧାନରୁ ରକ୍ଷା କରିବାର ପ୍ରସଙ୍ଗ ନୁହେଁ, ବରଂ ସୁପ୍ରିମକୋର୍ଟର ସାଂସ୍ଥାନିକ ବିଶ୍ୱସନୀୟତାର ପ୍ରସଙ୍ଗ ଅଟେ । 'ମାଷ୍ଟର ଅଫ୍ ଦି ରୋଷ୍ଟର' ଭାବରେ ପ୍ରଧାନ ବିଚାରପତିଙ୍କର ଏକ ସ୍ୱତନ୍ତ୍ର କ୍ଷମତା ରହିଛି ଯେ ସେ ମାମଲାଗୁଡ଼ିକୁ ବିଭିନ୍ନ ଖଣ୍ଡପୀଠକୁ ଆବଣ୍ଟନ କରିବେ । କିନ୍ତୁ ଏହି ଆବଣ୍ଟନ ପାଇଁ ଯେଉଁ ଲିଖିତ ନିୟମାବଳୀ ପ୍ରସ୍ତୁତ କରାଯାଇଛି, ତାହାର କଡ଼ାକଡ଼ି ପାଳନ ହେବା ଅତ୍ୟନ୍ତ ଜରୁରୀ । ଯେତେବେଳେ ସରକାର କିମ୍ବା କୌଣସି ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀଙ୍କ ସହ ଜଡିତ ମାମଲା ନିର୍ଦ୍ଧାରିତ ବରିଷ୍ଠ ଖଣ୍ଡପୀଠ ପରିବର୍ତ୍ତେ ଅନ୍ୟ କୌଣସି ଖଣ୍ଡପୀଠରେ ଶୁଣାଣି ହୁଏ, ସେତେବେଳେ 'ବେଞ୍ଚ ହଣ୍ଟିଂ' (ନିଜ ଅନୁକୂଳ ଖଣ୍ଡପୀଠ ଖୋଜିବା) ଭଳି ସାଂଘାତିକ ଅଭିଯୋଗ ଉଠିବା ସ୍ୱାଭାବିକ । ନ୍ୟାୟ କେବଳ ହେବା ଉଚିତ ନୁହେଁ, ବରଂ ନ୍ୟାୟ ହେଉଥିବାର ଦେଖାଯିବା ମଧ୍ୟ ଉଚିତ ବୋଲି ଆଇନର ଏକ ମୌଳିକ ସିଦ୍ଧାନ୍ତ ରହିଛି । ଏନଏସଏ ଭଳି ଏକ କଠୋର ଆଇନ, ଯାହା ନାଗରିକଙ୍କ ମୌଳିକ ଅଧିକାର ଏବଂ ବ୍ୟକ୍ତିଗତ ସ୍ୱାଧୀନତାକୁ କ୍ଷୁଣ୍ଣ କରିଥାଏ, ତାର ପ୍ରୟୋଗ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀମାନେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ । ଏହି ଆଇନର ଦୁରୂପଯୋଗ ଅନେକ ସମୟରେ ସାଧାରଣ ନାଗରିକଙ୍କ ଜୀବନକୁ ନଷ୍ଟ କରିଦେଇଥାଏ । ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ଏହି ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଥିଲା, ଯାହା ଅମଲାତନ୍ତ୍ରକୁ ସେମାନଙ୍କ ସାମ୍ବିଧାନିକ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନ କରାଇଥିଲା । ଯଦିଓ ସରକାରୀ ଅଧିକାରୀମାନଙ୍କୁ ବିନା କାରଣରେ ହଇରାଣ କରାଯିବା ଉଚିତ ନୁହେଁ, ତଥାପି କ୍ଷମତାର ଅପବ୍ୟବହାର କ୍ଷେତ୍ରରେ ସେମାନଙ୍କୁ ଉତ୍ତରଦାୟୀ କରିବା ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ।

ଅନ୍ୟପକ୍ଷରେ, ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରିର କାର୍ଯ୍ୟକଳାପ ଉପରେ ମଧ୍ୟ ଏବେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି । ପୂର୍ବରୁ ମଧ୍ୟ ଅନେକ ଥର ମାମଲା ତାଲିକାଭୁକ୍ତ କରିବାରେ ଅନିୟମିତତା ଅଭିଯୋଗ ହୋଇଆସିଛି । ଏହି ଘଟଣାରେ ଯେଉଁଭଳି ଭାବରେ ଏକ ସମ୍ବେଦନଶୀଳ ମାମଲାକୁ ତାର ନିର୍ଦ୍ଧାରିତ ବର୍ଗରୁ ବାହାର କରି ସର୍ବକନିଷ୍ଠ ଖଣ୍ଡପୀଠରେ ଉପସ୍ଥାପନ କରାଗଲା, ତାହା ସୁପ୍ରିମକୋର୍ଟର ପ୍ରଶାସନିକ ବ୍ୟବସ୍ଥାରେ ଥିବା ଛିଦ୍ରକୁ ପଦାରେ ପକାଇଛି । ଏହା ସହିତ ଶୁଣାଣି ସମୟରେ ଗଣମାଧ୍ୟମକୁ ଦୂରେଇ ରଖିବା ପାଇଁ ଅଡିଓ ମ୍ୟୁଟ୍ କରିବା ଭଳି ପଦକ୍ଷେପ ନ୍ୟାୟାଳୟର ସ୍ୱଚ୍ଛତା ପ୍ରତିଶ୍ରୁତି ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଏକ ମୁକ୍ତ ତଥା ଗଣତାନ୍ତ୍ରିକ ସମାଜରେ ନ୍ୟାୟାଳୟର ପ୍ରତ୍ୟେକ କାର୍ଯ୍ୟକଳାପ ସାଧାରଣ ଜନତାଙ୍କ ପାଇଁ ଉନ୍ମୁକ୍ତ ରହିବା ଉଚିତ । ସୁପ୍ରିମକୋର୍ଟ ଅବଶ୍ୟ ଜିଲ୍ଲାପାଳଙ୍କ ଆବେଦନ ଉପରେ ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ଏବଂ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୭ ତାରିଖରେ ହେବାର ଅଛି, କିନ୍ତୁ ମାମଲାର ତାଲିକାଭୁକ୍ତ ପ୍ରକ୍ରିୟାରେ ଥିବା ତ୍ରୁଟି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ କଳଙ୍କ ଲଗାଇଛି । ନ୍ୟାୟାଳୟର ପ୍ରଶାସନିକ ବିଭାଗକୁ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଦରକାର ଯେ କେଉଁ ପରିସ୍ଥିତିରେ ରୋଷ୍ଟର ନିୟମର ଉଲ୍ଲଂଘନ ହେଲା । ଆଗାମୀ ଦିନରେ ସୁପ୍ରିମକୋର୍ଟର ରେଜିଷ୍ଟ୍ରି ଏହି ବିବାଦରୁ ଶିକ୍ଷା ଗ୍ରହଣ କରି ମାମଲା ଆବଣ୍ଟନ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ନିରପେକ୍ଷତା ଅବଲମ୍ବନ କରିବେ ବୋଲି ଆଶା କରାଯାଏ । ଏହାଦ୍ୱାରା ହିଁ ଦେଶର ସାଧାରଣ ନାଗରିକଙ୍କର ନ୍ୟାୟପାଳିକା ଉପରେ ଥିବା ଅତୁଟ ବିଶ୍ୱାସ ବଜାୟ ରହିପାରିବ ଏବଂ ଗଣତନ୍ତ୍ରର ମୂଲ୍ୟବୋଧ ସୁରକ୍ଷିତ ରହିବ ।



# ଇଥାନଲ : ମିଶନ ଇ-୨୦ ଓ ଭାରତର ଅର୍ଥନୀତି



ମନସିଜ୍ ଦାସ

ଭାରତୀୟ ବଜାରକୁ ଆସିଛି ଇ୨୦ ବା ଇଥାନଲ ମିଶ୍ରିତ ପେଟ୍ରୋଲ । ବିଭିନ୍ନ କୃଷି ଉତ୍ପାଦରୁ ଇଥାନଲ ତିଆରି ହେଉଛି । ଏହାକୁ ଇଥାଇଲ ଆଲକହଲ କୁହାଯାଏ । ବର୍ତ୍ତମାନ ପେଟ୍ରୋଲ, ଡିଜେଲ ଆଦି ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଇଥାନଲ ବେଶ ଗୁରୁତ୍ୱପୂର୍ଣ୍ଣ । ଏହା ପାରଦର୍ଶୀ, ରଙ୍ଗହୀନ ଓ ଜ୍ୱଳନଶୀଳ ଇନ୍ଧନ । ଇଥାନଲ ଇନ୍ଧନ କେବଳ ପରିବେଶ ପାଇଁ ଉପଯୋଗୀ ନୁହେଁ, ବରଂ ଦେଶର ଶକ୍ତି ଆତ୍ମନିର୍ଭରତାକୁ ମଧ୍ୟ ବୃଦ୍ଧି କରିବ । ଇଥାନଲକୁ ପେଟ୍ରୋଲ ସହିତ ମିଶାଇ ଯାନବାହନରେ ଇନ୍ଧନ ରୂପେ ବ୍ୟବହାର କରାଯାଉଛି । ଭାରତରେ ଏହାକୁ ଇଥାନଲ ବ୍ଲେଣ୍ଡେଡ ପେଟ୍ରୋଲ କୁହାଯାଉଛି । ତେବେ ଗାଡ଼ିମୋଟରରେ ଇ୨୦ ପେଟ୍ରୋଲ ବ୍ୟବହାରକୁ ନେଇ ଅନେକ ଅଭିଯୋଗ ମଧ୍ୟ ଆସିଛି । ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଫଳରେ ଗାଡ଼ି ଗୁଡ଼ିକ କମ ମାଇଲେଜ ଦେବା, ଇଞ୍ଜିନ ଖରାପ ହୋଇଯିବା ଆଦି ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଛି ।

ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାରକୁ ନେଇ ସରଗରମ ଆଲୋଚନା ହେଉଛି । ଇଥାନଲ ହେଉଛି ଏକ ଜୈବ ଇନ୍ଧନ । ବିଶେଷ କରି ଆଖୁ, ମକା, ଗହମ ଆଦି କୃଷି ଉତ୍ପାଦନରୁ ଏହା ତିଆରି ହୋଇଥାଏ । ବର୍ତ୍ତମାନ ଭାରତରେ ଇଥନଲ ପେଟ୍ରୋଲ ବ୍ୟବହାରକୁ ନେଇ ଦେଖାଦେଇଛି ସଂଶୟ । କାରଣ ଇ-୨୦ ହେଉଛି ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ସାଧାରଣ ପେଟ୍ରୋଲର ମିଶ୍ରିତ ପେଟ୍ରୋଲ । ଇ୨୦ ବ୍ୟବହାର କଲେ ଗାଡ଼ି କମ ମାଇଲେଜ ଦେବା, ଇଞ୍ଜିନ ଖରାପ ହେଉଥିବା ଅଭିଯୋଗ ହେଉଛି । ସେପଟେ ବିଦେଶରୁ କଞ୍ଚା ତୈଳ ଆମଦାନି ହ୍ରାସ, ବୈଦେଶିକ ମୁଦ୍ରା ସଞ୍ଚୟ ପରିବେଶ ପ୍ରଦୂଷଣ ହ୍ରାସ, ଦେଶର ଶକ୍ତି ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇଁ ଯାନବାହନରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ଇ-୨୦ ପ୍ରଚଳନର ଉଦ୍ଦେଶ୍ୟ ହେଉଛି, ଇଥାନଲ ଏକ ନବୀକରଣୀୟ ଶକ୍ତିର ଉତ୍ସ । ପେଟ୍ରୋଲ ତୁଳନାରେ ଏଥିରୁ କମ କାର୍ବନ ଡାଇଅକ୍ସାଇଡ଼ ନିର୍ଗତ ହୋଇଥାଏ । ବିଶ୍ୱର ସବୁଠାରୁ ଅଧିକ କଞ୍ଚା ତୈଳ ଓ ପେଟ୍ରୋଲିୟମ ଉତ୍ପାଦ ବ୍ୟବହାରକାରୀ ଦେଶ ମଧ୍ୟରେ ଭାରତର ସ୍ଥାନ ତୃତୀୟ । ଦେଶର ତୈଳ ଆମଦାନୀ ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଏହା ସହିତ କାର୍ବନ ଡାଇଅକ୍ସାଇଡ଼ ନିର୍ଗତ ହ୍ରାସ ଓ କୃଷକମାନଙ୍କ ଅତିରିକ୍ତ ଆୟର ପନ୍ଥା ସୃଷ୍ଟି ନିମନ୍ତେ ଇ୨୦ ପେଟ୍ରୋଲ ବ୍ୟବହାର ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି । ୨୦୩୦ ମସିହା ସୁଦ୍ଧା ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ଦେଶରେ ବିକ୍ରି କରିବା ପାଇଁ ୨୦୧୮ ମସିହାରେ ଭାରତ ସରକାର ନିଷ୍ପତ୍ତି ନେଇଥିଲେ । ପରେ ଏହି ସମୟ ସୀମାକୁ ପାଞ୍ଚ ବର୍ଷ ହ୍ରାସ କରି ୨୦୨୫ ମସିହା କରାଯାଇଥିଲା । ୨୦୨୫ ମସିହା ୪ ଫେବୃଆରୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇ୨୦ ପେଟ୍ରୋଲର ଲଞ୍ଚ କରିଥିଲେ । ତେବେ ଏହା ପୂର୍ବରୁ ୨୦୨୨ ମସିହାରେ ଦେଶରେ ପେଟ୍ରୋଲରେ ୧୦ ପ୍ରତିଶତ ଇଥାନଲ ମିଶାଇବାକୁ ଯୋଜନା ପୂରା କରାଯାଇଥିଲା ।

ଇ୨୦ ନୀତିର ସବୁଠାରୁ ବଡ଼ ଲାଭ କୃଷକଙ୍କୁ ମିଳିବାର ଆଶା କରାଯାଉଛି । ଆଖୁ, ମକା ଓ ଅନ୍ୟାନ୍ୟ ଫସଲର ଚାହିଦା ବଢ଼ିବାରୁ କୃଷକମାନେ ଅଧିକ ବଜାର ସୁଯୋଗ ପାଇବେ । ଚିନି ଶିଳ୍ପ ପାଇଁ ମଧ୍ୟ ଇଥାନଲ ଏକ ବିକଳ୍ପ ଆୟର ଉତ୍ସ ସୃଷ୍ଟି କରିବ । ତେବେ ଲାଭ ଭିତରେ କ୍ଷତି ମଧ୍ୟ ରହିଲା ପରି ଏହାର ସମସ୍ୟା କିଛି ରହିଛି । ଇ୨୦ ନୀତି ସମ୍ପୂର୍ଣ୍ଣ ସମସ୍ୟା ମୁକ୍ତ ନୁହେଁ । ଭାରତରେ ଇଥାନଲ ଉତ୍ପାଦନ ପାଇଁ ବହୁ ପରିମାଣରେ ଆଖୁ ଓ ମକା ଉପରେ ନିର୍ଭର କରିବାକୁ ପଡୁଚି । ଆଖୁ ଏକ ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ । ଜଳ ସଙ୍କଟ ଥିବା ଅଞ୍ଚଳରେ ଏହାର ବ୍ୟାପକ ଚାଷ ପରିବେଶ ଓ ଜଳ ସମ୍ପଦ ଉପରେ ଚାପ ପକ୍ାଇପାରେ । ଅନ୍ୟପକ୍ଷରେ ଖାଦ୍ୟଶସ୍ୟକୁ ଇନ୍ଧନ ଉତ୍ପାଦନରେ ବ୍ୟବହାର କରିବା ଫଳରେ ଭବିଷ୍ୟତରେ ଖାଦ୍ୟ ସୁରକ୍ଷା ଓ ଦାମ ଉପରେ ପ୍ରଭାବ ପଡ଼ିବ କି ନାହିଁ, ସେ ନେଇ ମଧ୍ୟ ଚିନ୍ତା ରହିଛି ।

ଭାରତରେ ବାର୍ଷିକ ୯୩ ନିୟତ ଟନ୍ ଡିଜେଲ ଓ ୪୦ ନିୟୁତ ଟନ ପେଟ୍ରୋଲ ବ୍ୟବହାର ହୋଇଥାଏ । ପେଟ୍ରୋଲ ଉତ୍ପାଦନ ପାଇଁ ଆମ ଦେଶର ବାର୍ଷିକ ୨୪୦-୨୫୦ ନିୟୁତ ଟନ ଅଶୋଧିତ ତୈଳ ଋଷିଆ, ଇରାନ, ଦକ୍ଷିଣ ଆରବ ଓ ୟୁ.ଏ.ଇ ଦେଶରୁ ଆମଦାନୀ କରେ । ଏଥିପାଇଁ ୧୩୫-୧୬୦ ବିଲିୟନ ଡଲାର ବୈଦେଶିକ ମୁଦ୍ରା ବିନିଯୋଗ ହୁଏ । ଏହା ଦେଶର ବାଣିଜ୍ୟିକ କ୍ଷତି ଏବଂ ବୈଦେଶିକ ମୁଦ୍ରା ଉପରେ ବଡ଼ ଚାପ ସୃଷ୍ଟି କରେ । ବିଶ୍ୱର ତୃତୀୟ ବୃହତ୍ ତୈଳ ଉପଭୋକ୍ତା ଭାବରେ ଭାରତ ନିଜର ପ୍ରାୟ ୮୫ ପ୍ରତିଶୋଧ ଅଶୋଧିତ ତୈଳ ବିଦେଶରୁ ଆମଦାନି କରିଥାଏ । ଏହି ବିପୁଳ ଆମଦାନୀ ତୈଳ ବିଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ତୈଳ ଉପରେ ଚାପ ସୃଷ୍ଟି କରିଦେଇଛି । ଭାରତୀୟ ଅର୍ଥନୀତିକୁ ସମ୍ବେଦନଶୀଳ କରିଦେଇଛି । ଏହି ପରିପ୍ରେକ୍ଷୀରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବା ଇ୨୦ ଇନ୍ଧନ ନୀତି କେବଳ ଏକ ଇନ୍ଧନ ପରିବର୍ତ୍ତନ ନୁହେଁ ବରଂ ଏହା ଶକ୍ତି ନିରାପତ୍ତା, କୃଷି, ଶିଳ୍ପ, ପରିବେଶ ଏବଂ ଗ୍ରାମୀଣ ଅର୍ଥନୀତିକୁ ଏକ ସୂତ୍ରରେ ବାନ୍ଧିବାର ଏକ ଦୂରଦର୍ଶୀ ପ୍ରୟାସ ।

ଭବିଷ୍ୟତରେ ଯାନ ଇ୨୦ କିମ୍ବା ଇ୩୦ ଉପଯୁକ୍ତ ହେବ ଏଥିରେ ସନ୍ଦେହ ନାହିଁ । ତେବେ ଏସବୁ ଭିତରେ ଯଦି ସରକାର, କୃଷକ, ଶିଳ୍ପ ଓ ଉପଭୋକ୍ତାଙ୍କ ମଧ୍ୟରେ ସମନ୍ୱୟ ସୁଦୃଢ଼ ରହେ ତେବେ ଇ୨୦ କେବଳ ଏକ ବିକଳ୍ପ ଇନ୍ଧନ ନୁହେଁ ବରଂ ଆତ୍ମ ନିର୍ଭର ଭାରତ, ସବୁଜ ବିକାଶ ଏବଂ ସ୍ଥାୟୀ ଅର୍ଥନୈତିକ ପ୍ରଗତିର ଏକ ଶକ୍ତିଶାଳୀ ଆଧାର ହୋଇପାରିବ ।

+ ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

# ପରୋପକାର ଶ୍ରେଷ୍ଠ ଧର୍ମ

ବିଭୁତି ଭୂଷଣ ସାହୁ

ପରୋପକାରର ଅର୍ଥ ନିଃସ୍ୱାର୍ଥପର ଭାବେ ଅନ୍ୟକୁ ସାହାଯ୍ୟ କରିବା । ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଆଲୋକ ଦିଏ । ନଦୀ ଦିଏ ଜଳ; ଗଛ ଲତା ଖାଦ୍ୟ ଓ ଅମ୍ଳଜାନ । କିଛି ପାଇବାର ଆଶା ନରଖି, ପ୍ରାକୃତିକ ଭାବେ ସେମାନେ ଏସବୁ ଦିଅନ୍ତି । ଠିକ୍ ସେହିପରି ଅନ୍ୟକୁ ସାହାଯ୍ୟ କରିବା ମନୁଷ୍ୟର ସହଜାତ ଗୁଣ । ତୁଳସୀଦାସ ଲେଖିଯାଇଛନ୍ତି - ପରୋପକାର ଠାରୁ ବଡ଼ ଧର୍ମ କିଛି ନାହିଁ ଏବଂ ପର ପୀଡ଼ାଠାରୁ ବଡ଼ ପାପ କିଛି ନାହିଁ । ପରୋପକାର ଦ୍ୱାରା ମଣିଷର ଆତ୍ମା ସୁଖୀ ହୁଏ ଏବଂ ଏହା ଦ୍ୱାରା ପରମାନନ୍ଦ ମିଳେ । ଅନ୍ୟକୁ ସନ୍ତୁଷ୍ଟ କରିବା ଅର୍ଥ, ନିଜେ ସନ୍ତୋଷ ଲାଭ କରିବା । ମନ, ବଚନ ଓ କର୍ମରେ ପରୋପକାର କରୁଥିବା ମଣିଷ ହିଁ ସନ୍ଥ । ପ୍ରାପ୍ତି କାମନା ବିନା ଅନ୍ୟର ଉପକାର କରୁଥିବା ବ୍ୟକ୍ତିଙ୍କ ଜୀବନ ଧନ୍ୟ । ଶ୍ରୀମଦ୍ ଭଗବତଗୀତରେ କୁହାଯାଇଛି ଉପକାର କରୁଥିବା ମଣିଷର ଇହଲୋକ ବା ପରଲୋକରେ ବିନାଶ ହୁଏନାହିଁ । ତାଙ୍କୁ ସଦ୍‌ଗତି ପ୍ରାପ୍ତ ହୁଏ । ମଣିଷ ଯେତେ ଅଧିକ ପରୋପକାରୀ ହେବେ, ସେତେ ଶୀଘ୍ର ଈଶ୍ୱରଙ୍କ ସାନ୍ନିଧ ଲାଭ କରିବ । ପରୋପକାରୀ ମଣିଷର ଜୀବନର ଶୋଭା ଓ ମହିମା ବଢ଼େ । ସେ ସଦା ସର୍ବଦା ସୁଖୀ ରହେ । ବେଦରେ କୁହାଯାଇଛି ମଣିଷ ଶୁଦ୍ଧ ପବିତ୍ର ଜୀବନ ବଞ୍ଚିଲେ ସମାଜରେ ଉପକାର, ଦାନଶୀଳ ଓ ସୃଜନ ଭାବ ସୃଷ୍ଟି ହୁଏ । ଉପକାର ବିନା କୌଣସି ଧାର୍ମିକ ଅନୁଷ୍ଠାନରୁ କିଛି ସୁଫଳ ମିଳେନାହିଁ । ତେଣୁ ପରୋପକାର ଶ୍ରେଷ୍ଠ ଧର୍ମ । ଶ୍ରୀ ଶିରିଡ଼ି ସାଇନାଥ ମହାରାଜ ଆମକୁ ଏହି ନୀତି ଚେତନା ଦେଇଛନ୍ତି ଯେ ମନୁଷ୍ୟର ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ନୈତିକପୂର୍ଣ୍ଣ ଜୀବନ ସହ ସମାଜ ସେବା ଅତ୍ୟନ୍ତ ଜରୁରୀ । ମନୁଷ୍ୟର ପ୍ରକୃତି ସାଧାରଣତଃ ଚଞ୍ଚଳ ଓ କ୍ଷଣ ଭଙ୍ଗୁର । ଗୋଟିଏ ମୁହୂର୍ତ୍ତରେ ସେ ଆନନ୍ଦରେ ଗଦ ଗଦ ହୋଇଯାଉଥାଏ ଏବଂ ତାହାର ଗୋଡ଼ ତଳେ ଲାଗୁନଥାଏ । ଠିକ ପର ମୁହୂର୍ତ୍ତରେ ଦୁଃଖ ପୁଣି ତାକୁ ଆଚ୍ଛନ୍ନ କରିବସେ । ଏହି ସମୟରେ ଅନେକ ପ୍ରଶ୍ନ ତା ଭିତରେ ଉଙ୍କିମାରେ ଏହାର କାରଣ ହେଉଛି ଆମେ ସବୁ କଥାରେ ଏପରି ଦାସ ବନି ଯାଉଥାଉ ଯେ ପ୍ରତିଦିନ ଆମର ମନକୁ ସ୍ଥିର ରଖିବା ପାଇଁ ଯେଉଁ ଧ୍ୟାନ, ଆଦର୍ଶ ଓ କର୍ମ ଆବଶ୍ୟକ ତାହା ଆମକୁ ଜଣାନାହିଁ । ମନୁଷ୍ୟର ବଡ଼ ଶତ୍ରୁ ହେଉଛି କାମନା । ବାହ୍ୟ ପଦାର୍ଥ ପ୍ରତି ଆକର୍ଷିତ ହେବା ଏହାର ଧର୍ମ ତେଣୁ ମନର ଦୃଢ଼ତା ଦ୍ୱାରା ଭଗବାନଙ୍କର ବାଣୀ ଚିନ୍ତନ ଓ ମନନ କରିବା ଦିଗରେ ଏସବୁ ସହାୟକ ହୋଇଥାଏ । ସବୁବେଳେ ମନକୁ ଭଗବାନ କିମ୍ବା ଗୁରୁଙ୍କ ସ୍ମରଣରେ ଲଗାଇଦେଲେ ତାହା ଇନ୍ଦ୍ରିୟଜନିତ ଅନ୍ୟ ବିଷୟ ଚିନ୍ତନରୁ ଦୂରେଇ ଯିବ । ମନୁଷ୍ୟର ବ୍ୟକ୍ତିତ୍ୱର ବିକାଶ ଏବଂ ଚରିତ୍ର ଗଠନ ନିମନ୍ତେ ଆହ୍ୱାନକୁ ଗ୍ରହଣ କରିବା ଆଜି ଦିନରେ ତାହା ଆମ ଜୀବନର ସଙ୍କଳ୍ପ ହେଉ ।

+ ନପଙ୍ଗ, ଇଟୁଆ, ଟାଙ୍ଗୀ, କଟକ,
ମୋ : ୯୩୩୮୧୧୧୩୫୫

# 'ସାମାଜିକ ନ୍ୟାୟ ଓ ବିଚାରଶୀଳତା'



ଯୁଧିଷ୍ଠିର ମହାରଣା

ନ୍ୟାୟ, ବିଚାର ଏକ ତେଜୋଦୀପ୍ତ ଜୀବନ ଶକ୍ତି । ଜଗତରେ ଯେତେ ସବୁ ଶକ୍ତି ରହିଛି ସେମାନଙ୍କ ମଧ୍ୟରେ ବିଚାର ଶକ୍ତି ହେଉଛି ସବୁଠାରୁ ଅଧିକ ଜୀବନ୍ତ, ଅଧିକ ସୂକ୍ଷ୍ମ, ଅଧିକ ବଳିଷ୍ଠ । ନ୍ୟାୟ ପ୍ରସଙ୍ଗରେ ଆଲୋଚନା କଲା ସମୟରେ ମଣିଷର ବିଚାର ଚେତନା ଉପରେ ଏକ ଛୋଟିଆ ଆଲୋକପାତ କରୁଛୁ । ନୀତିଗତ କ୍ଷେତ୍ରରେ ଏହି ନ୍ୟାୟ, ବିଚାର ଏକ ବିରାଟ ଶକ୍ତି । ସର୍ବୋପରି ଏକ କ୍ରିୟଶୀଳ ଶକ୍ତି । ଆତ୍ମିକ ପ୍ରାଣ ବା ସୂକ୍ଷ୍ମ ପ୍ରାଣ ଦ୍ୱାରା ମନସ୍ତରରେ କମ୍ପନ ସୃଷ୍ଟି ହେଲେ ବିଚାର ଉତ୍ପନ୍ନ ହୁଏ । ପ୍ରତ୍ୟେକଟି ବିଚାର ହେଉଛି ଗୋଟିଏ ଗୋଟିଏ ଜୀବନ ଶକ୍ତି । ଆସନ୍ତୁ ଟିକିଏ ଭଲ ଭାବରେ ବୁଝିବା ଏହି ନ୍ୟାୟ ଚେତନା, ବିଚାର ଏକ ସୂକ୍ଷ୍ମ ପଦାର୍ଥ । ଯେପରି ଆମେ ଦେଖୁଥିବା ଖଣ୍ଡିଏ ପଥର ଯେପରି ଏକ ପଦାର୍ଥ ଠିକ ସେହିପରି ବିଚାର ମଧ୍ୟ ଏକ ପଦାର୍ଥ । ମନୁଷ୍ୟର ମୃତ୍ୟୁ ହୁଏ କିନ୍ତୁ ତାର ବିଚାରରେ ମୃତ୍ୟୁ ହୁଏ ନାହିଁ । ମନୁଷ୍ୟର ପ୍ରତ୍ୟେକଟି ବିଚାର ସକଳ ଦୃଷ୍ଟିରୁ ମୂଲ୍ୟବାନ । ଆପଣଙ୍କ ଶାରୀରିକ ଶକ୍ତି, ଆପଣଙ୍କ ମାନସିକ ଶକ୍ତି, ଆପଣଙ୍କ ଜୀବନର ସାଫଲ୍ୟ, ବିଚାର ବିକାଶ ନିଶ୍ଚିନ୍ତ ଏକ ବିଜ୍ଞାନ । ମନୁଷ୍ୟ ବିଚାର ଦ୍ୱାରା ସୃଷ୍ଟ, ସେ ଯେପରି ବିଚାର କରେ ସେ ସେହିପରି ହିଁ ହୋଇଯାଏ ।

ମଣିଷ ଏକ ସାମାଜିକ ପ୍ରାଣୀ । ସମାଜରେ ତାର ସମ୍ମାନର ସହିତ ବଞ୍ଚିବାର ଅଧିକାର ରହିଛି ଏବଂ ସବୁକିଛିରେ ମଧ୍ୟ ରହିଛି ତାର ଉଚିତ ନ୍ୟାୟ ପାଇବାର ଅଧିକାର । କିନ୍ତୁ ବେଳେ ବେଳେ ଏ ସମାଜର କିଛି ପ୍ରଭାବଶାଳୀ ଲୋକ ନିଜର ବଡ଼ ପଣ ଦେଖାଇବା ପାଇଁ କିଛି ଦୁର୍ବଳ ଶ୍ରେଣୀଙ୍କୁ ହତାଦାର କରିଥାନ୍ତି । ସେମାନଙ୍କ ଦାସ କରି ରଖିବାକୁ ଚେଷ୍ଟା କରିଥାନ୍ତି । କୌଳିକ ବୃତ୍ତି ନାମରେ ଯାବତୀୟ ହୀନ କାର୍ଯ୍ୟରେ ସେମାନଙ୍କ ନିୟୋଜିତ କରନ୍ତି । କିନ୍ତୁ ଆଜି ବଦଳି ଯାଇଛି ସମୟ । ଏ ସମାଜରେ ସମସ୍ତଙ୍କ ସମାନ ଅଧିକାର ରହିଛି । ଏଠାରେ ବାସ କରୁଥିବା ସବୁ ଶ୍ରେଣୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ସାରା ବିଶ୍ୱରେ ପାଳିତ ହେଉଛି ସୋସିଆଲ୍ ଜଷ୍ଟିସ୍ ଡେ ବା ସାମାଜିକ ନ୍ୟାୟ ଦିବସ । ଏକତ୍ର ବାସ କରିବାକୁ ମଣିଷ ଭଲ ପାଏ । ସେଥିପାଇଁ ପରସ୍ପର ନିର୍ଭରଶୀଳ ବିଭିନ୍ନ ଶ୍ରେଣୀ ଓ ବୃତ୍ତିର ଲୋକମାନେ ଏକତ୍ର ବାସ କରିଥାନ୍ତି । ଯାହାକି ଏକ ସାହି, ପଡ଼ା ବା କଲୋନୀ ଭାବେ ବେଶ ପରିଚୟ ଲାଭ କରିଥାଏ । ତେଣୁ ପରସ୍ପରର ନିର୍ଭରଶୀଳତାରେ ଯେପରି କାହାରି ସାମାଜିକ ଅଧିକାର କ୍ଷୁର୍ଣ୍ଣ ନହୁଏ ସେ ପ୍ରତି ଦୃଷ୍ଟି ଦେବା ଓ ସଚେତନତା ହେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଇଛି । ମିଳିତ ଜାତିସଂଘ ଏହି ମର୍ମକୁ ଉପଲବ୍ଧ କରି ୨୦୦୯ ମସିହାରୁ ସାମାଜିକ ନ୍ୟାୟ ଦିବସ ପାଳନ କରିଆସୁଛି । ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଏହି ଦିବସ ବିଶ୍ୱସ୍ତରରେ ପାଳନ କରାଯାଉଛି । ଆଜିବି ସମାଜରେ ଅନେକ ଲୋକ ଅବହେଳାର ଶିକାର ହେଉଛନ୍ତି । ଆର୍ଥିକ, ସାମାଜିକ, ସାଂସ୍କୃତିକ କାରଣରୁ ସେମାନେ ବହୁ ପଛରେ ପଡ଼ିଛନ୍ତି । ବିଗତ ଦିନକୁ ଚଳି ଆସୁଥିବା ବେଠି, ବେଗାରୀ ଆଜି କିଛି ମାତ୍ରାରେ ପ୍ରଶମିତ ହୋଇଥିଲେ ମଧ୍ୟ ଗୋଟି ପ୍ରଥାର ବିଲୋପ ଏ ଯାଏଁ ସମାଜରୁ ହୋଇନାହିଁ । କିଛି ଲୋକଙ୍କୁ ମଧ୍ୟ କୌଳିକ ବୃତ୍ତି ଆଧାରରେ ସମାଜରେ ଅତି ନିମ୍ନଧରଣ କାର୍ଯ୍ୟ କରିବାକୁ ବାଧ କରାଯାଉଛି । ଏହି ଶ୍ରେଣୀର ଲୋକମାନଙ୍କୁ ସମାଜରେ ତଳସ୍ତରରେ ରଖାଯାଇଥିବାରୁ ସେମାନଙ୍କୁ ଉଚିତ ନ୍ୟାୟ ମିଳିପାରୁନି । ସେମାନଙ୍କ ସ୍ୱରକୁ ମଧ୍ୟ କତିପୟ ପ୍ରଭାବଶାଳୀ ଶ୍ରେଣୀ ଚାପି ଦେଉଛନ୍ତି । ଫଳରେ ସେମାନେ ସେମାନଙ୍କୁ ଅଧିକାରରୁ ବଞ୍ଚିତ ହେଉଛନ୍ତି । ଆଗ କାଳରେ ସାମାଜିକ ବ୍ୟବସ୍ଥା ଅନୁସାରେ ଜଣଙ୍କୁ ତାର ବୃତ୍ତି ଅନୁସାରେ ଜାତି ନିର୍ଦ୍ଧାରଣ କରାଯାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହି ଜାତିପ୍ରଥା ଉତ୍ତରାଧିକାରୀ ସୂତ୍ରରେ ଚଳିଆସିଲା । ଯାହାର ପ୍ରଭାବରେ କିଛି ପରିବାର ସମାଜରେ ଅବହେଳିତ ଓ ନିଷ୍ପେସିତ ହୋଇ ରହିବାକୁ ବାଧ ହେଲେ । ଆଜି ସମାଜ ବହୁ ଉନ୍ନତ ଆଧୁନିକ ହୋଇ ମଧ୍ୟ ସେହି ହୀନ କାର୍ଯ୍ୟ ସମାଜରୁ ଦୂର ହୋଇପାରିନାହିଁ । ତେଣୁ ଏଭଳି ଏକ ଦିବସକୁ କେବଳ ପାଳନ ନକରି, ଅବହେଳିତ ଶ୍ରେଣୀକୁ ଉଦ୍ଧାର କରିବା ପାଇଁ, ଗୋଡି, ବୃତ୍ତି ଆଧାରରେ ପ୍ରଚଳିତ ହୀନ କାର୍ଯ୍ୟରୁ ମୁକ୍ତି ଦେବା ପାଇଁ ସମସ୍ତେ ସଂକଳ୍ପ ନେବା ଆବଶ୍ୟକ ।

ଜଗତରେ ସାମାଜିକ ନ୍ୟାୟକୁ ବୁଝୁଥିବା, ବିଚାରଶୀଳ ବ୍ୟକ୍ତି ମାନଙ୍କ ସଂଖ୍ୟା ଖୁବ କମ । ଗଭୀର ବିଚାର ପାଇଁ ସାଧନା ବା ଅଭ୍ୟାସ ଆବଶ୍ୟକ । ସାମାଜିକ ନ୍ୟାୟ କ୍ଷେତ୍ରରେ ଆମେ ଦାୟିତ୍ୱ ବୋଧତାକୁ ପ୍ରତିଟି ଚିନ୍ତନରେ ନିର୍ବାହ କରିବା ପାଇଁ ଆହ୍ୱାନକୁ ଗ୍ରହଣ କରିବା ଉଚିତ । ସାମାଜିକ ନ୍ୟାୟର ସୁରକ୍ଷା ଓ ସମ୍ମାନକୁ ବଜାୟ ରଖିବାର ଦାୟିତ୍ୱ କେବଳ କୌଣସି ସରକାର ବା ପ୍ରଶାସନର ନୁହେଁ । ଆମ ସମସ୍ତଙ୍କର ଏଥିପାଇଁ ଉତ୍ତରଦାୟିତ୍ୱ ରହିଛି । ସମାଜର ମଙ୍ଗଳ ଓ ଉନ୍ନତିକଳ୍ପେ ତଥା ପ୍ରତିଟି ମଣିଷଙ୍କ ସେବା ଓ ଭଲ ପାଇବାକୁ ଭାବନାରେ ରଖି ସାମାଜିକ ନ୍ୟାୟ ବିଚାରଶୀଳତାକୁ ଜୀବନର ଏକ ଧ୍ୟେୟ ଭାବେ ନିର୍ବାହ କରିବା ପାଇଁ ଆସନ୍ତୁ ଆଜିପରି ଦିନରେ ସମସ୍ତେ ଏକ ଉଦଘୋଷଣରେ ଉପନୀତ ହେବା ତାହା ହେଉଛି ସାମାଜିକ ନ୍ୟାୟ ପ୍ରତିଷ୍ଠା ଓ ବିଚାରଶୀଳତାକୁ ଆଗେଇ ନେବା ପାଇଁ ସର୍ବଦା ସମାଜର ଉନ୍ନତିକଳ୍ପେ ଏ ଦେଶର ପ୍ରଗତିରେ ଆମେ ନିଜ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ନିର୍ବାହ କରିବା । ଯାହାଦ୍ୱାରା ପ୍ରତିଟି ମଣିଷର ଇହ ଜୀବନ ଧନ୍ୟ ହେବ ଏବଂ ଜଗତରେ ଏକ ବଳିଷ୍ଠ ଶକ୍ତି ହୋଇ ଅନେକ ଲୋକଙ୍କର ହିତସାଧନ କରି ସେମାନଙ୍କ ହୃଦୟରେ ଆଧାତ୍ମିକତାର ଓ ସମାଜ ସେବାର ବିକାଶ କରିପାରିବା ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୪୩୭୧୬୩୫୨୮

କବିତା କୋଣାର୍କ

## ସମ୍ବିଧାନ

ଦିଲ୍ଲୀପ କୁମାର ବେହେରା



ବିଧାତାଙ୍କର ସମ୍ବିଧାନ,
ନିଖୁଣ ପ୍ରଭୁଙ୍କ ନିୟମ ।
ବିକାଶ ମନ୍ତ୍ରୀ ବ୍ରହ୍ମଦେବ,
ରାଷ୍ଟ୍ରପତି ଅଟନ୍ତି ଶୀବ ।
ପ୍ରଧାନମନ୍ତ୍ରୀ ନାରାୟଣ,
ସେଯେ ଅଟନ୍ତ ଭଗବାନ ।
ସୂଚନା ପ୍ରସାରଣ ମନ୍ତ୍ରୀ,
ନାରଦ ଦୂରଦୃଷ୍ଟି ସ୍ଥିତି ।
ଶକ୍ତିମନ୍ତ୍ରୀ ଯେ ସୂର୍ଯ୍ୟଦେବ,
ଆଉନ, ନ୍ୟାୟ ଯମ ଦେବ ।
ଚନ୍ଦ୍ରଦେବ ଯେ ବାଚସ୍ପତି,
ପବନ ପରିବେଶ ମନ୍ତ୍ରୀ ।
ପ୍ରତିରକ୍ଷାରେ ଦୁର୍ଗାମାତା ,
ଇନ୍ଦ୍ର ଯେ ଶାସନ କରତା ।
ନିର୍ମାଣ ମନ୍ତ୍ରୀ ବିଶ୍ୱକର୍ମା,
ଖାଦ୍ୟମନ୍ତ୍ରୀ ଯେ ଅନ୍ନପୂର୍ଣ୍ଣା ।
ସ୍ୱୟଂ ମନ୍ତ୍ରୀ ଜଳ ବରୁଣ,
ଗୃହମନ୍ତ୍ରୀ ଯେ ଅଗ୍ନି ଜାଣ ।
କଲ୍ୟାଣ ମନ୍ତ୍ରୀ ହନୁମାନ,
ସଦା ଯେ ପ୍ରଭୁଙ୍କ ଅଧୀନ ।
ରାହୁ ଯେ ବିରୋଧୀ ଦଳର,
ଜଟିଳ ସମସ୍ୟା ତାଙ୍କର ।
ଗ୍ରହ ଅଟନ୍ତି ନବ ଦେବ,
ତାଙ୍କର କାର୍ଯ୍ୟ ଅଭିନବ ।
କବିତା ନବାକ୍ଷରି ରୂପ,
ସ୍ୱୀକୃତି ଗୁରୁଙ୍କ ସ୍ୱରୂପ ।
ଭୀମରାଓ ଆମ୍ବେଦକର,
ଏ ଅନୁସରଣ ତାଙ୍କର ।

+ଓଲମରା, ରାଜନଗର ପାଟଣା
ବାଲେଶ୍ୱର
ମୋ: ୯୭୭୭୦୭୫୯୫୫

## ମୁଁ ପରା ପ୍ରେମିକ କବି

ପ୍ରଶାନ୍ତ କୁମାର ନାୟକ

ମୁଦ୍ରିତ ପଲକେ ଯା'ର ସ୍ୱରୂପକୁ ଦେଖେ
ଭାବୁକ ହୋଇ ତାକୁ
କବିତାରେ ଲେଖେ ।
ସିଏତ ଚଳ ଚଞ୍ଚଳା
ସ୍ରୋତସ୍ୱିନୀ ନଈଟେ
ଈଶ୍ୱରଙ୍କୁ ସମର୍ପିତ ଦିବ୍ୟ ପୁଷ୍ପାଞ୍ଜଳିଟେ ।
ଶବ୍ଦହୀନ ହେଲା ଓଠ ତା'ର ଦରଶନେ
ଗଢିଛି ବିଧାତା ତାକୁ ନିଷ୍ଠେ ସଯତନେ ।
ସକାଳ ସୂରୁଜର ସିଏ ପହିଲି କିରଣ
ତା'କଥା ଭାବିଦେଲେ ଉଲୁସଇ ମନ ।
ତାରାଙ୍କ ଗହଣରେ ସେ ପୂର୍ଣ୍ଣିମାର ଜହ୍ନ
ଜ୍ୟୋସ୍ନାର ପରଶେ ତାର
ରଙ୍ଗୀନ ଏ ଜୀବନ ।
ଗୋଲାପୀ ଓଠୁ ତା'ର ଝରେ ମଧୁଭାଷା
ମନ ଉପବନେ ଭରେ ଅଫୁରନ୍ତ ଆଶା ।
ତା' ପାଦ ପାଉଁଜିର ରୁଣୁଝୁଣୁ ଛନ୍ଦେ
ପ୍ରେମମୟ ହୃଦୟ
ମୋ ତାଳଦେଇ ସ୍ପନ୍ଦେ ।
ମାଦକତା ଭରା ତା'ର ଦୁଇ ନୟନ
ସାତ ସାଗର ବି ନୁହେଁ
ତା ସାଥେ ସମାନ ।
ଗୋଲାପୀ ଓଠେ ତା'ର ମୁକୁତାର ହସ
କବିତାଟେ ଲେଖିବାକୁ କରଇ ବିବଶ ।
ତା ନାମେ ଲେଖିବି କବିତା
ଥକି ନପଡିବି
ଚାଲୁଥିବ କଲମ ମୋ,
ମୁଁ ପରା ପ୍ରେମିକ କବି ।

+ୟୁନିଟ୍-୦୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

# ଅଭିନେତା ତଥା ଖଳ ଅଭିନେତା-ହର ରଥ

ସଂପ୍ରତି ହର ପ୍ରସାଦ ରଥ ଓଡିଆ ଚଳଚ୍ଚିତ୍ର ଜଗତର ଜଣେ ଲୋକପ୍ରିୟ ଅଭିନେତା ଅଟନ୍ତି ।ସେ ଉଭୟ ଛୋଟ ଓ ବଡ ପରଦାର ଜଣେ ପରିଚିତ କଳାକାର। ଲାଲା ମହଲ ଧାରାବାହିକରେ ରେ ଅଭିନୟ କରି ଛୋଟ ପରଦାରେ ପାଦ ଦେଇଥିବା ହର ଦର୍ଶକ ନିକଟରେ ପରିଚିତ ହୁଅନ୍ତି ମେଗା ଧାରାବାହିକ ତୁଳସୀରେ ଦିବାକର ଚରିତ୍ରରେ ଅଭିନୟ କରି ।ପ୍ରିୟା ମୋ ପ୍ରିୟା ଚିତ୍ରରେ ପ୍ରଥମେ ଅଭିନୟ କରିଥିବା ହର ଉଭୟ ଖଳ ଅଭିନେତା ଓ ଚରିତ୍ର ଅଭିନେତା ଭାବେ ଅନେକ ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି ।ଚଳିତ ବର୍ଷ ମୁକ୍ତିଲାଭ କରିଥିବା ବ୍ୟବସାୟିକ ସଫଳତା ପାଇଥିବା ରକ୍ତ ଗୋଲାପ , ବରବଧୂ , ଆଫା ଓ ମନ୍ତ୍ରମୁଗ୍ଧ ଚିତ୍ରରେ ସେ ଅଭିନୟ କରିଛନ୍ତି। ସେ ହିନ୍ଦି ଚିତ୍ର ଜ୍ୱଗାଟୋ ରେ ମଧ ଅଭିନୟ କରିଛନ୍ତି।

ହର ରଥଙ୍କର ପିଲାଟି ଦିନରୁ ଅଭିନୟ ପ୍ରତି ଦୁର୍ବଳତା ଥିଲା। ସେ ଯେତେବେଳେ ଗଞ୍ଜାମ ଜିଲ୍ଲା ଧାରାକୋଟର ଏସ୍.ଆର୍ ହାଇସ୍କୁଲରେ ପଢୁଥିଲେ ପ୍ରଥମେ ମହାଦାନୀ କର୍ଣ୍ଣ ନାଟକରେ ଏକୋଇର ବଳା ବିଶିକେଶନ ଭୂମିକାରେ ଅଭିନୟ କରିଥିଲେ। ଏହି ନାଟକରେ ସେ 'ରଖ ବାରେ କେଶବ କୃଷ୍ଣ ମୁରାରୀ.'....ଗୀତ ଖୁବ୍ ସୁନ୍ଦର ଭାବେ ଗାଇଥିଲେ। ବିଜ୍ଞାନ ମହାବିଦ୍ୟାଳୟ ଆସ୍କାରେ ପଢୁଥିବା ବେଳେ ନାଟକରେ ଅଭିନୟ କରି ପୁରସ୍କୃତ ହୋଇଛନ୍ତି। ତା'ପରେ ପ୍ରାଣନାଥ କଲେଜ, ଖୋର୍ଦ୍ଧାରେ ମଧ ଅଭିନୟ କରି ଦୁଇଥର ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ। ୧୯୯୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଆନ୍ତଃ ମହାବିଦ୍ୟାଳୟ ନାଟକ ପ୍ରତିଯୋଗିତାରେ ମଧ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ। କିଛିଦିନ ପରେ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାରେ ଏକ କର୍ମଶାଳାରେ ଯୋଗ ଦେଇ ମୃଗତୃଷ୍ଣା ନାଟକରେ କରାଳଜ ଚରିତ୍ରରେ ଅଭିନୟ କରିଥିଲେ।



ଖୋର୍ଦ୍ଧାରେ ଥରେ ଏକ ନାଟକ ପ୍ରତିଯୋଗିତାରେ ହର ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୁଅନ୍ତି। ଏହି ନାଟକରେ ତାଙ୍କ ଅଭିନୟରେ ପ୍ରଭାବିତ ହୋଇ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ଧାରାବାହିକ 'ଲାଲ ମହଲ'ରେ ତ୍ରିକାଳବାବା ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ଦିଅନ୍ତି। ରାଜୁ ମିଶ୍ରଙ୍କ ସହଯୋଗୀ କ୍ୟାମେରାମ୍ୟାନ ଜିତୁ ମିଶ୍ର ଓ ନିହାର ମିଶ୍ରଙ୍କ ଜରିଆରେ ସେ ଦୁହିତା ଧାରାବାହିକରେ ରାଜୁ ମିଶ୍ରଙ୍କ ଅଧିନରେ ସହ ନିର୍ଦ୍ଦେଶକ ଭାବେ କାମ କରନ୍ତି। ଏହା ସହିତ ସେ ରୋହିତ୍ ଗାନ୍ଧୀଙ୍କଠାରୁ ସମ୍ପାଦନା କାମ ମଧ ଶିଖୁଥିଲେ। କିଛିଦିନ ପରେ ସେ କୁନା ତ୍ରିପାଠୀଙ୍କ ସାଙ୍ଗ ହରିଆ ଚରିତ୍ରରେ ଦୁହିତା ଧାରାବାହିକରେ ଅଭିନୟ କଲେ। ଏହା ପରେ ସେ କହିଲେ କୁଳ କୁଟୁମ୍ବକୁ ଲାଜ, ସକାଳର ସୂର୍ଯ୍ୟ, ଏ ଗଞ୍ଜ ମଲ୍ଲା ଜହ୍ନର ଓ ତାସର ଘର ପ୍ରଭୃତି ଧାରାବାହିକରେ ଅଭିନୟ କରନ୍ତି। କିନ୍ତୁ ପ୍ରକୃତରେ ସେ ଲୋକଲୋଚନକୁ ଆସନ୍ତି ତୁଳସୀ ଧାରାବାହିକରେ ଦିବାକର ଚରିତ୍ରରେ ଅଭିନୟ କରି। ଦାମିନୀ ଧରାବାହିକରେ ବିଜୁ ଓ ବସୁନ୍ଧରା ଧାରାବହିକରେ ବାଦଲ ଚରିତ୍ରରେ, ଦୂରଦର୍ଶନ ଧାରାବାହିକ ସିନ୍ଦୂରରେ ରାଜା ଚରିତ୍ର ଓ ଇଟିଭିରେ ପ୍ରସାରିତ ମେଗା ଧାରାବାହିକ ଅପାରେ କିମି ଚରିତ୍ରରେ ଅଭିନୟ କରି ବେଶ୍ ଲୋକପ୍ରିୟତା ପାଇଛନ୍ତି ।ମାଟି ବୈକୁଣ୍ଠ, କିଛି ଲୁହ ପିଇଯାଏ ଓଠ, କେମିତି କହିବି କହ ଓ ଅନୁ ଧାରାବାହିକରେ ମଧ ଅଭିନ୍ର କରିଛନ୍ତି। ସେ କେତୋଟି ଆଲବମ୍‌ରେ ମଧ ଅଭିନୟ କରିଛନ୍ତି। ଇଟିଭିରେ ପ୍ରସାରିତ ଲୋକପ୍ରିୟ କାର୍ଯ୍ୟକ୍ରମ ଛୋଟ ମୋର ଗାଁଟିର କେତୋଟି ଅଧ୍ୟାୟରେ ମଧ କାମ କରିଛନ୍ତି। ସେ ୱେବ୍ ସିରିଜ୍ ଗ୍ୟାଙ୍ଗସ୍ ଅଫ ପୁରୀରେ ମଧ ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି। ହର ପ୍ରଥମେ ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ ହରିଭାଇ ହାରେନା ଚଳଚ୍ଚିତ୍ରରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରନ୍ତି। ଏହାପରେ ସେ ଜୀବନ ମୃତ୍ୟୁ, ଶାଶୁଘର ଚାଲିଯିବି, ପୂଜା ପାଇଁ ଫୁଲଟିଏ, ମୁଁ ତତେ ଲଭ କରୁଛି ପ୍ରଭୃତି ଚିତ୍ରରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରିଛନ୍ତି। ସେ ଡକ୍ୟୁମେଣ୍ଟାରୀ ଚିତ୍ର ଓରସାକରେ ନିଜେ ନିର୍ଦ୍ଦେଶନା ଦେଇଛନ୍ତି। ହର ପ୍ରଥମେ ପ୍ରିୟା ମୋ ପ୍ରିୟା ଚିତ୍ରରେ ଏକ ଛୋଟିଆ ଚରିତ୍ରରେ ଅଭିନୟ କରି ଚଳଚ୍ଚିତ୍ର ଜଗତରେ ଅଭିନେତା ଭାବେ ଜୀବନ ଆରମ୍ଭ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଚିତ୍ରରେ ଅନ୍ୟତମ ନାୟକ ତଥା ପୋଲିସ୍ ଅଫିସର ଚରିତ୍ରରେ ଅଭିନୟ କରିଥିବା ବେଳେ ସତ୍ୟମେବ ଜୟତେ ଚିତ୍ରରେ ଖଳନାୟକ ଭାବେ ଅଭିନୟ କରିଛନ୍ତି। ଯୋଗୀ ଚିତ୍ରରେ ସେ ମୁଖ୍ୟ ଖଳନାୟକ ଭାବେ ଦେଖା ଦେଇଥିଲେ। ଏହା ପରେ ଗୋଟିଏ ପରେ ଗୋଟିଏ ଚିତ୍ରରେ କେବେ ଚରିତ୍ର ଅଭିନେତା ଭାବେ ତ କେବେ ଖଳଅଭିନେତା ଭାବେ ଅଭିନୟ କରିଛନ୍ତି। ଅର୍ଦ୍ଧସତ୍ୟ ଚିତ୍ରରେ ମୁଖ୍ୟ ନାୟକ ଭାବେ ଅଭିନୟ କରିଛନ୍ତି, ଦୁଃଖର ବିଷୟ ଚିତ୍ରଟି ଦର୍ଶକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିନଥିଲା କାରଣ କରୋନା ସମୟରେ ଚିତ୍ରଟି ମୁକ୍ତିଲାଭ କରିଥିଲା। ଆଗକୁ ମାଲ୍ୟଗିରି , ପାଦେ ଆକାଶ, ଭୋଟ, ମାଟିର ବନ୍ଧନ ପ୍ରଭୃତି ଚିତ୍ର ମୁକ୍ତି ଅପେକ୍ଷାରେ ଅଛି। ନନ୍ଦିତା ଦାସଙ୍କ ହିନ୍ଦୀ ଚିତ୍ର ଜ୍ୱଗାଟୋ ଚିତ୍ରରେ ଅଭିନୟ କରିଛନ୍ତି। ଏଥିପାଇଁ ତାଙ୍କୁ ଚାରି ଥର ସ୍କ୍ରିନ୍ ଟେଷ୍ଟ ଦେବାକୁ ପଡିଥିଲା। ଏହି ଚିତ୍ରରେ ସେ କପିଳ ଶର୍ମାଙ୍କ ସହ ଅଭିନୟ କରିଥିଲେ। ଚିତ୍ରଟି ମୁକ୍ତିଲାଭ କରିଥିବା ବେଳେ ସେ ମୁମ୍ବାଇ ଯାଇ ହିନ୍ଦୀ ଚିତ୍ର ତାରକା ମାନଙ୍କ ସହ ପ୍ରିମିୟର ଦେଖିଥିଲେ ।ଏହି ଚିତ୍ରଟି ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

ଉପସ୍ଥାପନା: ଗୌରୀ ଶଙ୍କର ପଣ୍ଡା
ଗୁଣପୁର, ଜି-ରାୟଗଡା

# 'ପେହଲା ପ୍ୟାର ଦୂସରୀ ବାର' ଫିଲ୍ମର ଟ୍ରେଲର୍ ରିଲିଜ୍!



ଲଭ୍ ରଞ୍ଜନଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଆଗାମୀ ଚଳଚ୍ଚିତ୍ର 'ପେହଲା ପ୍ୟାର ଦୂସରୀ ବାର' ର ଟ୍ରେଲର୍ ସାମ୍ନାକୁ ଆସିଛି। ଏହି ଫିଲ୍ମ ମାଧ୍ୟମରେ ଦର୍ଶକମାନେ ବନ୍ଧୁତା, ପ୍ରଥମ ପ୍ରେମ ଓ ଯୌବନର ସମ୍ପର୍କରେ ଆସୁଥିବା ବିଭିନ୍ନ ରୋମାଞ୍ଚକର ପରିସ୍ଥିତିକୁ ଦେଖିବାକୁ ପାଇବେ। ଏହି ଫିଲ୍ମ ଜରିଆରେ ବଲିଉଡ଼୍‌ରେ ଛଅ ଜଣ ନୂତନ କଳାକାର ବଡ଼ ପରଦାରେ ପାଦ ରଖୁଛନ୍ତି। ମୁଖ୍ୟ ଭୂମିକାରେ ନଜର ଆସିବାକୁ ଥିବା ଏହି ନବଗତ କଳାକାରମାନେ ହେଲେ, ସ୍ୱର୍ଣ୍ଣ ଓ୍ୱାଲିଆ, ଅଲିଶା ଚୋପ୍ରା, କୁନାଲ୍ ବୈଦ, ସାକ୍ଷୀ ବୈଦ୍ୟ, ତୁଷାର ଛିବର ଓ ସର୍ଗୁନ୍‌ର କୈର ଲୁଥ୍ରା।

ଫିଲ୍ମର ଶୀର୍ଷକ ଭଳି ଏହାର ଟ୍ରେଲର ମଧ ବେଶ୍ ଆକର୍ଷକ ଅଟେ। ଏଥିରେ ରୋମାନ୍ସ ଏବଂ ବନ୍ଧୁତା ସାଙ୍ଗକୁ ଚରିତ୍ରମାନଙ୍କ ମଧ୍ୟରେ ହାସ୍ୟରସ, ମଜାଳିଆ ସଂଳାପ ଏବଂ ପରସ୍ପରକୁ ଟାଣିବା ଭଳି ଅନେକ ମଜାଦାର ମୁହୂର୍ତ୍ତ ଦେଖିବାକୁ ମିଳୁଛି। ଫିଲ୍ମ ବିଷୟରେ କହିବାକୁ ଯାଇ ପ୍ରଯୋଜକ ଲଭ୍ ରଞ୍ଜନ ପ୍ରକାଶ କରିଛନ୍ତି ଯେ, ଏହି କାହାଣୀ ସ୍କୁଲ୍ ଦିନର ସ୍ମୃତି, ବନ୍ଧୁତା ଏବଂ ପ୍ରଥମ ପ୍ରେମର ଭାବନା ଉପରେ ପର୍ଯ୍ୟବସିତ, ଯାହା ସମସ୍ତଙ୍କ ଜୀବନରେ ଖାସ୍ ହୋଇଥାଏ। ଛଅ ଜଣ ନୂତନ ଅଭିନେତାଙ୍କୁ ଏହି ହାସ୍ୟରସ ଏବଂ ଯୁବ ରୋମାନ୍ସର ଦୁନିଆକୁ ଆଣିବା ତାଙ୍କ ପାଇଁ ଅତ୍ୟନ୍ତ ରୋମାଞ୍ଚକର ଥିଲା ବୋଲି ସେ କହିଛନ୍ତି।

ସେହିପରି ଏହି ଫିଲ୍ମ ଜରିଆରେ ନିର୍ଦ୍ଦେଶନା ଜଗତରେ ପାଦ ରଖୁଥିବା ନିର୍ଦ୍ଦେଶକ ଅନୁଜ ସୈନୀ କହିଛନ୍ତି ଯେ ଏହି ଯୁବ କଳାକାରମାନଙ୍କ ସହିତ କାମ କରିବାର ଅଭିଜ୍ଞତା ତାଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଥିଲା। 'ଲଭ୍ ଫିଲ୍ମସ' ଦ୍ୱାରା ପ୍ରସ୍ତୁତ ଏବଂ ଅନୁଜ ସୈନୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଆସନ୍ତା ଅକ୍ଟୋବର ୨୩, ୨୦୨୬ ମସିହାରେ ସିନେମାଘରେ ମୁକ୍ତିଲାଭ କରିବ।

# ବଦଳିବେ ନାହିଁ ବେବୋ।



ନିକଟରେ ୪୬ତମ ଜନ୍ମଦିନ ପାଳନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାଁ। ତାଙ୍କର ଏହି ସ୍ୱତନ୍ତ୍ର ଦିନରେ ତାଙ୍କୁ ପ୍ରଶଂସକ, ପରିବାର ଓ ବଲିଉଡ୍ ଶିଳ୍ପର ସହକର୍ମୀଙ୍କଠାରୁ ଅନେକ ଶୁଭେଚ୍ଛା ମିଳିଛି। ସୋସିଆଲ୍ ମିଡିଆ ଜରିଆରେ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଏକ ଭାବପ୍ରବଣ ନୋଟ୍ ଲେଖିଛନ୍ତି ବେବୋ। ସେ ତାଙ୍କ ଇନଷ୍ଟାଗ୍ରାମ୍ ଷ୍ଟୋରିରେ ଜନ୍ମଦିନ କେକ୍‌ର ଏକ ଫଟୋ ସେୟାର କରିବା ସହ ମିଳିଥିବା ଭଲପାଇବା ପାଇଁ କୃତଜ୍ଞତା ବ୍ୟକ୍ତ କରିଛନ୍ତି। ସେ ଆଗକୁ ମଧ 'ନିଜ ଭଳି ରହିବେ', ଅର୍ଥାତ୍ କେବେ ବଦଳିବେ ନାହିଁ ବୋଲି ପ୍ରଶଂସକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହିତ ପ୍ରଶଂସକମାନଙ୍କର ଭଲପାଇବା ଓ ସକାରାତ୍ମକତାକୁ ସାଥୀରେ ନେଇ ଆଗାମୀ ଦିନରେ ଉଚିତ ପଦକ୍ଷେପ ନେବେ ବୋଲି ଉଲ୍ଲେଖ କରିଛନ୍ତି।

କରୀନାଙ୍କୁ ନିକଟରେ ମେଘନା ଗୁଲଜାରଙ୍କ କ୍ରାଇମ୍ ଥ୍ରିଲର୍ 'ଦାୟରା'ରେ ଦେଖିବାକୁ ମିଳିଛି। ଏଥିରେ ସେ ଜଣେ ପୁଲିସ ଅଧିକାରୀ ଚରିତ୍ରରେ ନଜର ଆସି ଏକ ବିବାଦୀୟ ମାମଲାର ତଦନ୍ତ କରୁଛନ୍ତି। ଏହି ଫିଲ୍ମ ଜରିଆରେ ପ୍ରଥମ ଥର ପାଇଁ କରୀନା ଓ ପୃଥ୍ୱୀରାଜ ସୁକୁମାରନ୍ ଏକାଠି ପରଦାରେ ନଜର ଆସିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ 'ରିଫ୍ୟୁଜି' ଚଳଚ୍ଚିତ୍ର ଜରିଆରେ ବଲିଉଡ୍‌ରେ ପଦାର୍ପଣ କରିଥିବା କରୀନା 'କଭି ଖୁସି କଭି ଗମ୍', 'ଚମେଲି', 'ଓମ୍‌କାରା', 'ଜବ୍ ୱି ମେଟ୍', '୩ ଇଡିଅଟ୍‌ସ' ଭଳି ଅନେକ ଚର୍ଚ୍ଚିତ ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କ ମନରେ ଛାପ ଛାଡ଼ିଛନ୍ତି।

# ଗାୟିକା ସରଗମ ବୈଶଙ୍କ ଅଭିଯୋଗ, ସିଦ୍ଧାର୍ଥ-ତମନ୍ନାଙ୍କ ଫିଲ୍ମ ବିରୋଧରେ ଆଇନଗତ ପଦକ୍ଷେପ ଚେତାବନୀ

ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଓ ତମନ୍ନା ଭାଟିଆଙ୍କ ଅଭିନୀତ ଆଗାମୀ ଫିଲ୍ମ 'ଦି ୱାନ୍: ଫୋର୍ସ ଅଫ୍ ଦି ଫରେଷ୍ଟ' ରିଲିଜ୍ ପୂର୍ବରୁ ବିବାଦରେ ଫସିଛି। ସ୍ୱାଧୀନ ଗାୟକ ତଥା ସଙ୍ଗୀତକାର ସରଗମ ବୈଶ ଫିଲ୍ମର ଟ୍ରେଲରରେ ତାଙ୍କ ଗୀତ ବିନା ଅନୁମତିରେ ବ୍ୟବହାର ହୋଇଥିବା ଅଭିଯୋଗ ଆଣିଛନ୍ତି। ସରଗମଙ୍କ ଅଭିଯୋଗ ଅନୁସାରେ, ତାଙ୍କ ମୂଳ ଗୀତ 'ଐଗିରି ନନ୍ଦିନୀ'ର ଏକ ଅଂଶ ଫିଲ୍ମର ଟ୍ରେଲରରେ ପ୍ରାୟ ୨୫ ସେକେଣ୍ଡ ପର୍ଯ୍ୟନ୍ତ ବ୍ୟବହାର କରାଯାଇଛି। ଏଥିପାଇଁ ତାଙ୍କଠାରୁ କୌଣସି ଅନୁମତି ନିଆଯାଇନଥିବା ସେ ଦାବି କରିଛନ୍ତି। ତାଙ୍କ କହିବା ଅନୁସାରେ, ଏହା ତାଙ୍କ ମାଷ୍ଟର ରେକର୍ଡିଂ ଓ ଭୋକାଲ୍‌ର ଅଂଶ। ରବିବାର ସରଗମ ବୈଶ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ନିଜ ଅଭିଯୋଗ ସାର୍ବଜନୀନ କରିଥିଲେ। ସେ କହିଛନ୍ତି ଯେ, ଏହି ପ୍ରକଳ୍ପ ଉପରେ ସେ ପ୍ରାୟ ତିନି ବର୍ଷ ଧରି କାମ କରୁଥିଲେ। ଫିଲ୍ମ ନିର୍ମାତାମାନେ ତାଙ୍କ ଅନୁମତି ବିନା ଗୀତର ଅଂଶ ବ୍ୟବହାର କରିଥିବା ସେ ଦାବି କରିଛନ୍ତି। ଗାୟକ ଫିଲ୍ମର ଟ୍ରେଲର ଓ ପ୍ରଚାର ସାମଗ୍ରୀରୁ ତାଙ୍କ ଗୀତ ହଟାଇବାକୁ ଦାବି କରିଛନ୍ତି। ଏହି ଦାବି ପୂରଣ ନହେଲେ ଆଇନଗତ ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିବା




ସେ ଚେତାବନୀ ଦେଇଛନ୍ତି। ତେବେ ଏହି ଅଭିଯୋଗ ଉପରେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ନାହିଁ। ଏହି ବିବାଦ ମଧ୍ୟରେ 'ଭଭାନ୍' ଫିଲ୍ମରେ ସିଦ୍ଧାର୍ଥ ମଲହୋତ୍ରା ଓ ତମନ୍ନା ଭାଟିଆ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱ ଦୀପକ କୁମାର ମିଶ୍ରଙ୍କ ହାତରେ ରହିଛି। ବାଲାଜୀ ଟେଲିଫିଲ୍ମସ୍ ଓ **TVF** ଏହି ପ୍ରକଳ୍ପ ସହ ଜଡ଼ିତ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, 'ଭଭାନ୍: ଫୋର୍ସ ଅଫ୍ ଦି ଫରେଷ୍ଟ' ଚଳଚ୍ଚିତ୍ରଟି ୨୫ ସେପ୍ଟେମ୍ବର ୨୦୨୬ରେ ପ୍ରେକ୍ଷାଳୟକୁ ଆସିବାର ଯୋଜନା ରହିଛି। ରିଲିଜ୍‌ର କିଛି ଦିନ ପୂର୍ବରୁ ଉଠିଥିବା ଏହି ଗୀତ ବ୍ୟବହାର ବିବାଦ ଆଗାମୀ ଦିନରେ କିପରି ସମାଧାନ ହେଉଛି, ତାହା ଉପରେ ନଜର ରହିଛି।

# ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପ୍ରିୟ ମଣିଷ ନୀଳାମ୍ବର ବଳ

ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ଜଣେ ପ୍ରିୟ ମଣିଷ ହେଉଛନ୍ତି ନୀଳାମ୍ବର ବଳ। ୧୯୬୯ ମସିହାରେ ତିହିଡି ବ୍ଲକର କଣ୍ଡରାଗଡ଼ିଆ ଗ୍ରାମରେ ଶ୍ରୀ ବଳ ଜନ୍ମ ଗ୍ରହଣ କରନ୍ତି। ବର୍ତ୍ତମାନ ସେ ସ୍ଥାୟୀ ଭାବେ ବାସୁଦେବପୁର ବ୍ଲକର ରାଜଘରପୋଖରୀ ଠାରେ ରହୁଛନ୍ତି। ବର୍ତ୍ତମାନ ଶ୍ରୀ ବଳ ରାଜଘର ପୋଖରୀ କୃଷ୍ଣ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ସହକାରୀ ଶିକ୍ଷକ ଭାବରେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଉଛନ୍ତି। ଶ୍ରୀ ନୀଳାମ୍ବର ବଳଙ୍କ ପିତା ଉପେନ୍ଦ୍ର ବଳ ଓ ମାତା ଜାଡ଼ିମଣି ବଳ । ପତ୍ନୀ ଲକ୍ଷ୍ମୀପ୍ରିୟା ବଳ, ପୁତ୍ର ପୃଥ୍ୱୀରାଜ ଓ କନ୍ୟା ଜ୍ୟୋତିର୍ମୟୀ ଙ୍କୁ ନେଇ ସମୟ ଚକରେ ସଂସାର ରଥ ଆଗେଇ ଚାଲିଛି। ଜଣେ ଭଲ ମଣିଷ ତଥା ଆଦର୍ଶ ଶିକ୍ଷକ ଭାବେ ଶ୍ରୀ ବଳ ସୁନାମ ଅର୍ଜନ କରିଛନ୍ତି। ଶ୍ରୀ ବଳ ସାହିତ୍ୟ ଓ କଳା ସଂସ୍କୃତି କୁ ଖୁବ୍ ଭଲ ପାଆନ୍ତି। ସାହିତ୍ୟ କ୍ଷେତ୍ରରେ ଶ୍ରୀ ବଳ ଭଲ କବିତା ଲେଖନ୍ତି। ଖେଳରେ ଭଲ ଭଲି ବଲ୍ ଖେଳନ୍ତି। ଏହା ବ୍ୟତୀତ ସମାଜସେବା ଓ ବୃକ୍ଷ ରୋପଣ କାର୍ଯ୍ୟ କରିଛନ୍ତି ଶ୍ରୀ ବଳ। କେତେକ ପୌରାଣିକ ନାଟକରେ ଶ୍ରୀ ବଳ ମଧ ସୁନ୍ଦର ଅଭିନୟ କରିଛନ୍ତି। ଆଧାତ୍ମିକ ପରିବେଶ ତାଙ୍କୁ ଖୁବ୍ ଭଲ ଲାଗେ। ସ୍ୱଦା ସରଳ ଚିନ୍ତାଧାରାର ଏହି ଶାନ୍ତ ଶିଷ୍ଟ ମଣିଷ ଶ୍ରୀ ବଳ ଦୁଃଖୀ ଗରିବ ଲୋକଙ୍କୁ ମଧ ସାହାଯ୍ୟ ସହଯୋଗ କରିଥାନ୍ତି। ସାହିତ୍ୟ କ୍ଷେତ୍ରରେ ଶ୍ରୀ ବଳ ପଢ଼ନ୍ତି ବ୍ୟାସ କବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ଉତ୍କଳ ମଣି ଗୋପବନ୍ଧୁ ଦାସ, ଜାତୀୟ କବି ବାଞ୍ଛାନିଧି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଲେଖା। ପ୍ରତିଭା ରାୟଙ୍କ ପୁସ୍ତକ ଯାଜ୍ଞସେନୀ, ବିଭୂତି ପଟ୍ଟନାୟକଙ୍କ ପୁସ୍ତକ ବଧୂ ନିରୁପମା ମଧ ଶ୍ରୀ ବଳଙ୍କୁ ଭଲ ଲାଗେ। ଶ୍ରୀ ବଳଙ୍କ ଗୁରୁ ହେଉଛନ୍ତି ଚନ୍ଦ୍ର ମୋହନ ମହାନ୍ତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ତ୍ରିଲୋଚନ ବଳ। ଶ୍ରୀ ବଳଙ୍କ ପ୍ରିୟ ଭାରତୀୟ ହେଉଛନ୍ତି ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ,



କଳିଙ୍ଗ ବୀର ବିଜୁ ପଟ୍ଟନାୟକ,ବୈଜ୍ଞାନିକ ଅବଦୁଲ୍ କଲାମ୍। ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଶ୍ରୀ ନୀଳାମ୍ବର ବଳ କୁହନ୍ତି ଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟା ରହିଛି ତଥାପି କିଛି ସମାଧାନ ହୋଇଛି ଓ କିଛି ସମାଧାନ ହୋଇନାହିଁ। ପୁସ୍ତକ ବଦଳିଯାଇଛି ପାଠ ପଢ଼ାଇବାକୁ ଅସୁବିଧା ହେଉଛି। ଶ୍ରୀ ବଳ ବର୍ତ୍ତମାନର ଯୁବ ପୀଢ଼ି ମାନଙ୍କୁ ବାର୍ତ୍ତା ଦିଅନ୍ତି ଆଜିର ଯୁବ ପିଢ଼ି ଦେଶପ୍ରେମ, ଜାତୀୟତା ବୋଧ ଓ ତ୍ୟାଗ କୁ ଗୁରୁତ୍ୱ ଦେଇ ଉପଯୁକ୍ତ ପରିଶ୍ରମ କରି ଶାନ୍ତି ଶୃଙ୍ଖଳା ରକ୍ଷା କରନ୍ତୁ ଏବଂ ଗୁରୁଜନ ମାନଙ୍କୁ ସମ୍ମାନ ପ୍ରଦାନ କରନ୍ତୁ। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଶ୍ରୀ ବଳଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।

ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ,ବାସୁଦେବପୁର, ଭଦ୍ରକ
ମୋ: ୯୯୩୭୯୭୬୩୫୧

# କପ୍ତିପଦା ଏନ୍.ଏ.ସି. ଘୋଷଣା ପରର ଦୃଶ୍ୟ

## ବସୁଛି ବୈଠକ, ଉଠୁଛି ଦାବି, ଦାନା ବାନ୍ଧୁଛି ଆନ୍ଦୋଳନ




ଉଦଳା , ୨୪/୯ (ନି.ପ୍ର): ରାଜ୍ୟ ସରକାର କପ୍ତିପଦାକୁ ଏନ୍.ଏ.ସି. ଘୋଷଣା କରିବା ପରେ ସମଗ୍ର ଉପଖଣ୍ଡରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି । ବିଭିନ୍ନ ପଂଚାୟତ ମାନଙ୍କରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଏଥିପାଇଁ ଭିନ୍ନ ସ୍ୱାଦର ଉତ୍ସାହ ଖେଳିଯାଇଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ନୁଦଡ଼ିହା ଓ ପିଙ୍ଗୁ ପଂଚାୟତର ଲୋକେ ଏ କ୍ଷେତ୍ରରେ ଗୋଟିଏ ପାହାଚ ଆଗକୁ ଯାଇ ଏକ ବୈଠକରେ ଏକତ୍ରିତ ହେବା ସହିତ 'ବିକାଶ ପରିଷଦ' ଗଠନ କରିଥିବାର ଜଣାଯାଇଛି । ସଦାନନ୍ଦ ବେହେରା ଏହାର ନେତୃତ୍ୱ ନେଇ ବିଗତ ଦିନରେ ସ୍ୱର୍ଗତଃ ହରେକୃଷ୍ଣ ମହାନ୍ତି ଏଠାକାର ସରପଂଚ ଥିବା ସମୟରେ ନୁଦଡ଼ିହାକୁ ଏନ୍.ଏ.ସି. ଘୋଷଣା ପାଇଁ ଦାବି ଜଣାଇଥିଲେ । ଯାହାକି ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ ବୋଲି ବ୍ୟକ୍ତ କରିଥିଲେ । ସେ ସମୟରେ ନୁଦଡ଼ିହା ଓ ପିଙ୍ଗୁ ଅବିଭକ୍ତ ପଂଚାୟତ ଥିଲା । ସେହିପରି କିଛିବର୍ଷ ପୂର୍ବରୁ ସ୍ୱର୍ଗତଃ ଗୋଲକ ନାଏକ ଉଦଳା ବିଧାୟକ ଥିବା ସମୟରେ ନୁଦଡ଼ିହା, ପିଙ୍ଗୁ, ଜେଏସ୍‌ଜାମଡ଼ିହା, ଚକ୍ରଧରପୁର, ଦେବଳା, କୋଳିଅଳମ, ପେଡ଼ାଗଡ଼ି ପ୍ରଭୃତି ପଂଚାୟତକୁ ମିଶାଇ ଏକ ସ୍ୱତନ୍ତ୍ର ବ୍ଲକ ଗଠନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଥିଲେ । ଏହି ଦାବି ମଧ୍ୟ ରହିଯାଇଛି ସରକାରଙ୍କ ଶିତଳ ଭଣ୍ଡାରରେ ବୋଲି କହିଥିଲେ । ଅତିତର ଏହି ଦାବି ଗୁଡ଼ିକ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ଓ ଖୋଲା ଆଲୋଚନା ପାଇଁ ଗ୍ରାମରେ ଥିବା ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ସେପ୍ଟେମ୍ବର ୨୦ ତାରିଖ ରବିବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଲୋଚନାର ବିଷୟବସ୍ତୁ 'ସ୍ୱପ୍ନ ଆସନ୍ତା କାଲିର' ରଖାଯାଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣନାଥ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ । କପ୍ତିପଦା ବ୍ଲକ ଅଧ୍ୟକ୍ଷ କାହ୍ନୁ ଚରଣ ସୋରେନ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସୁଦର୍ଶନ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଂଜନ ପରିଡ଼ା, ପୂର୍ବତନ ସରପଂଚ ନାରାୟଣ ମାର୍ଣ୍ଡି, ଅବସରପ୍ରାପ୍ତ ଶିକ୍ଷକ ଗୌରଚନ୍ଦ୍ର ଦାସ, ନିରଂଜନ ପ୍ରଧାନ, ମନୋରଂଜନ ମଲିକ, କୃପାସିନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ରାଉତ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ସ୍ୱେଚ୍ଛାସେବି ସର୍ବେଶ୍ୱର ରାଉତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହ ଆଲୋଚନା ଚକ୍ରର ଯବନିକା ପକାଇଥିଲେ । ସେହିପରି ଗୋପବନ୍ଧୁନଗର ବ୍ଲକ ଅଂଚଳ ମଧ୍ୟରେ ଥିବା କୁଆମରା ଓ ପୁରୁଣାବାରିପଦା ପଂଚାୟତ ସହିତ ଏହାକୁ ଲାଗିକରିଥିବା ଗ୍ରାମଗୁଡ଼ିକୁ ମିଶାଇ ଏନ୍.ଏ.ସି. ଘୋଷଣା କଲେ ଭଲ ହୁଅନ୍ତା ବୋଲି କେତେକ ମତ ଦେଉଥିବା ବେଳେ , କୁଶଳଦା, କୁଆମରା, ପୁରୁଣାବାରିପଦା, ସାଇଁକୁଳା, ବରଡ଼ିହି, ଜୟପୁର, ଆରପଟା ଓ ପଶୁଦା ପଂଚାୟତକୁ ମିଶାଇ ଏକ ନୂତନ ବ୍ଲକ ଗଠନ ପାଇଁ ଦାବି ଉଠୁଥିବାର କଥା ଶୁଣିବାକୁ ମିଳୁଛି । ତେବେ ଏଥିପାଇଁ ଏପର୍ଯ୍ୟନ୍ତ ବିଧିବଦ୍ଧ ବୈଠକ ବସିଥିବାର ଜଣାଯାଇ ନାହିଁ ।

# ଶ୍ରୀ ଶ୍ରୀ ବାବା ଝଗେଡ଼େଶ୍ୱରାୟ ମହାଦେବ ମନ୍ଦିରରେ ନୂତନ ଲିଙ୍ଗ ସ୍ଥାପନ ଉତ୍ସବ ପାଳିତ



ବସ୍ତା , ୨୪/୯ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ତଥା ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ସ୍ଥିତ ବଡ଼ ଚାରୀଗାଁରେ ଶ୍ରୀ ଶ୍ରୀ ଝାଗେଡ଼େଶ୍ୱରାୟ ମହାଦେବ ମନ୍ଦିର ନୂତନ ଲିଙ୍ଗସ୍ଥାପନ ,କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାତ୍ମିକ ଉତ୍ତରଣ କ୍ଷେତ୍ରରେ ଭକ୍ତିମାର୍ଗ ଏବଂ ଭକ୍ତ ଚେତନା ମାନବ ଜୀବନରେ ଭକ୍ତି ଭାବନାର ଜାଗ୍ରତ କରିଛି। ମଙ୍ଗଳବାର ଅଧିବାସ ଓ ଲିଙ୍ଗ ପାତାଳି କରଣ ହୋଇଥିବା ବେଳେ ବୁଧୁବାର ଯଜ୍ଞ,ସୂର୍ଯ୍ୟପୂଜା ଓ ଜଳକା ନଦୀରୁ ଶତାଧିକ ମହିଳା କଳସିରେ ଜଳ ଧରି ଯଜ୍ଞ ମଣ୍ଡପ ସ୍ଥଳ ରେ ପହଁଞ୍ଚି ଥିଲେ।ଗୁରୁବାର ଲିଙ୍ଗ ପ୍ରତିଷ୍ଠା, ରୁଦ୍ରାଭିଷେକ ହୋଇ ଥିଲା।ଆସ୍ଥାନ ପ୍ରତିଷ୍ଠା,ଲିଙ୍ଗ ସ୍ଥାପନ, ଅଧିବାସ, ରୁଦ୍ରାଭିଷେକ, ଷୋଡଶ ପୂଜା ଉତ୍ସବକୁ ମୁଖ୍ୟ ପୂଜକ ଶକ୍ତି ପଦ ପଣ୍ଡା,କିଶୋର ନାରାୟଣ ମିଶ୍ର(ମିଲିକା ନନା), ଶାନ୍ତି ପଦ ପଣ୍ଡା,ଶରତ କୁମାର ମିଶ୍ର, ଓମ ପ୍ରକାଶ ପତି, ମଦନ ମୋହନ କର ଓ ସୀତା ନାଥ ପଣ୍ଡା ଦ୍ୱାରା ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟିର ସଦସ୍ୟ ଓ ଗ୍ରାମବାସୀ ଉତ୍ସବକୁ ସୁଚାରୁ ରୂପେ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟକ ଦିନ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ଭାଗବତ ପଠନ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଥିଲେ।ଗ୍ରାମବାସୀଙ୍କ ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇ ଥିଲା ବେଳେ ୩/୪ ହଜାର ଭକ୍ତ ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ପାତଳଗଙ୍ଗାରେ ବିଜେପି କୃଷକ ମୋର୍ଚ୍ଚାର ବୈଠକ

ନୂଆପଡ଼ା, ୨୪/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା ପକ୍ଷରୁ ବୋଡ଼େନ ବ୍ଲକ ଅନ୍ତର୍ଗତ ପାତଳଗଙ୍ଗାଠାରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। କୃଷକ ମୋର୍ଚ୍ଚା ସଭାପତି ରତନଲାଲ ଚନ୍ଦ୍ରାକରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଯୁବରାଜ ଜଗତ ମଂଚ ପରିଚାଳନା କରିଥିଲେ। ବୈଠକରେ ହିତେଶ କୁମାର ବଗର୍ତ୍ତୀ, ପୂର୍ବତନ ବିଧାୟକ ସୁବ୍ରତ ଠାକୁର, ପୂର୍ବତନ ଜିଲ୍ଲା ସଭାପତି ଅତିନ୍ଦ୍ର ମଲିକ, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଳାନ ଏବଂ ଜିଲ୍ଲା ସମ୍ପାଦିକା ସଙ୍ଗୀତା ମାଝୀ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ କୃଷକ ମୋର୍ଚ୍ଚାର ଜିଲ୍ଲା ଉପସଭାପତି, ଜିଲ୍ଲା ସମ୍ପାଦକ, ବିଭିନ୍ନ ମଣ୍ଡଳର ସଭାପତି ଓ ସାଧାରଣ ସମ୍ପାଦକଙ୍କ ସମେତ ବିଜେପିର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ତୃଣମୂଳ ସ୍ତରରେ କୃଷକ ମୋର୍ଚ୍ଚାର ସଂଗଠନକୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ସରକାରଙ୍କ ବିଭିନ୍ନ କୃଷି ଓ କୃଷକ କଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ଯୋଗ୍ୟ କୃଷକମାନଙ୍କ ନିକଟରେ ପହଂଚିପାରିବ, ସେନେଇ କାର୍ଯ୍ୟକର୍ତ୍ତାମାନେ ଗାଁ ଓ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। କୃଷକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ସେଗୁଡ଼ିକର ସମାଧାନ ପାଇଁ ସଂଗଠିତ ଭାବେ କାର୍ଯ୍ୟ କରିବା ସହ ଆଗାମୀ ଦିନରେ କୃଷକ ମୋର୍ଚ୍ଚାର କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଅଧିକ ସକ୍ରିୟ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା।

## ଖଇରା ହାଇସ୍କୁଲ ସ୍କାଉଟ ଶିକ୍ଷକଙ୍କୁ ବସନ୍ତ ସେବା ସମ୍ମାନ

ଖଇରା , ୨୪/୯ (ନି.ପ୍ର): ଖଇରା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ସ୍କାଉଟ ମାଷ୍ଟର ନରୋତ୍ତମ ପୁଟୀଙ୍କୁ ସ୍କାଉଟ ଗାଇଡର ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବସନ୍ତ ବିଶ୍ୱାଳ ସେବା ସମ୍ମାନରେ ସମ୍ମାନୀତ ହେବା ପରେ ଅଭିଭାବକ ,ଛାତ୍ରଛାତ୍ରୀଙ୍କ ମହଲରେ ଆନନ୍ଦ ଖେଳି ଯାଇଛି । ଗତ ୨୧ ତାରିଖରେ ଭୁବନେଶ୍ୱର ୟୁନିଟ-୬ସ୍ଥିତ ସ୍କାଉଟ ଗାଇଡ ମୁଖ୍ୟକାର୍ଯ୍ୟାଳୟ ପରିସରରେ ଏହି ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା । ଭାରତ ସ୍କାଉଟ ଗାଇଡ ରାଜ୍ୟ ଶାଖାର ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ର,ରାଜ୍ୟଶାଖାର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁସବ୍ୟସାଚୀ ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଖଇରା ସ୍କାଉଟ ଶିକ୍ଷକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

# ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

## ପ୍ରଥମ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ ପରେ କହିବି




ବାରିପଦା , ୨୪/୯ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆମେ, ବାରିପଦା ଆନୁକୂଲ୍ୟରେ ୨ୟ ବାର୍ଷିକ ୯ ଦିନିଆ ନାଟ୍ୟ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଆୟୋଜନ କମିଟିର ସଭାପତି ଡ଼ା. କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ଏହି ମହୋତ୍ସବର ଉଦଘାଟନ କରିବା ସହ ଏହାର ସଫଳତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ତଥା ସଂଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ ଯୋଗଦେଇ ନାଟକ ସମାଜର ବାସ୍ତବ ପ୍ରତିଫଳନ ବୋଲି ପ୍ରକାଶ କରିଥିଲେ। ଶ୍ରୀ ରଥଙ୍କୁ ମୟୁରଭଞ୍ଜ ମହା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମେଜର ଡ. କଳ୍ପନା ଦାଶ ଓ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ଓଡିଶା ଓ ବାହାରୁ ମୋଟ ୧୬ଟି ନାଟ୍ୟସଂସ୍ଥା ଅଂଶଗ୍ରହଣ କରିଛନ୍ତି। ପ୍ରଥମ ସନ୍ଧ୍ୟାରେ ୭୫ ବାସ୍ତବ ପରିବାର ଗ୍ରୁପ ପ୍ରଯୋଜିତ ଏବଂ ଚିନ୍ମୟ ଦାସ ପଟ୍ଟନାୟକଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ ପରେ କହିବି ମଞ୍ଚସ୍ଥ ହୋଇଯାଇଛି। ନାଟକରେ ପ୍ରଦୀପ କିଶୋର ମହାନ୍ତି, ପ୍ରଦୀପ କୁମାର ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ଅଶୋକ ପଟ୍ଟନାୟକ, ଶାନ୍ତନୁ ପାଢ଼ୀ, ଶିଶିର ଲେଙ୍କା, ଜୟନ୍ତ ସେନାପତି, ଅରୁଣ ପାତ୍ର, ସର୍ବତୋଷ ଦାଶ, ରବି ମହାପାତ୍ର, ଯାମିନୀକାନ୍ତ ମାଲାକାର ଓ ଶିଶୁ କଳାକାର ଲତାଶା ଖୁରାନା ଅଭିନୟ କରିଥିବା ବେଳେ ମଞ୍ଚସଜ୍ଜାରେ ନରସିଂହ ବାରିକ ଓ ସଂଗୀତରେ ଦୁର୍ଗା ପାତ୍ର ଏବଂ ଆଲୋକରେ ଅଙ୍କେତ ସହଯୋଗ କରିଥିଲେ। ଏହି ଅବସରରେ ଇଂ. ପ୍ରଦୀପ କିଶୋର ମହାନ୍ତିଙ୍କ ଲିଖିତ ଗଳ୍ପ ସଂକଳନ ଏକାକୀ ଆଳାପ ଅତିଥିଙ୍କ ହାତରେ ଉନ୍ମୋଚିତ ହୋଇଥିଲା ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

# ବାଳିକା ଉଚ୍ଚବିଦ୍ୟାଳୟରେ ଆତ୍ମସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ବାରିପଦା, ୨୪/୯ (ନି.ପ୍ର): ବାରିପଦାର ଆନ୍ତର୍ଜାତିକ ସାମାଜିକ ସଂଗଠନ ଇନରହ୍ୱିଲ କ୍ଲବ ଆନୁକୂଲ୍ୟରେ ବାରିପଦାର ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବାଳିକାମାନେ ବିପଦ ଆପଦରେ କିଭଳି ନିଜର ସୁରକ୍ଷା କରିପାରିବେ ସେ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଇନରହ୍ୱିଲ କ୍ଲବର ସଭାପତି ସୁପ୍ରୀତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଏବଂ ବରିଷ୍ଠ ଆଇନଜୀବି କାବେରୀ ମିଶ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ନାରୀମାନେ ସର୍ବଦା ନିଜକୁ ଦୁର୍ବଳା ବୋଲି ଭାବିବା ଉଚିତ ନୁହେଁ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଇନରହ୍ୱିଲ କ୍ଲବର ସଂପାଦିକା ସଂଯୁକ୍ତା ଚାନ୍ଦ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେବା ପରେ ସଭାପତି ସୁପ୍ରୀତି ଦଳବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବଳାଙ୍ଗୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସେଠୀ ଏବଂ ପ୍ରାକ୍ତନ ଶିକ୍ଷୟିତ୍ରୀ ଭାରତୀ ବେବର୍ତ୍ତା। ଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ। କ୍ଲବର ସଦସ୍ୟା ପ୍ରଣତି ଦାସ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିବା ବେଳେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନଦିୟା ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉପସ୍ଥିତ କ୍ଲବର ସମସ୍ତ ସଦସ୍ୟା ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଗଭୀର ଅବପାତରେ...

କୋରାପୁଟ ସଦର କୋଲାବ ନଗରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଶାଖା ଉପରେ ମଧ୍ୟ ବଡ଼ ଗଛ ଉପୁଡ଼ି ପଡ଼ିଛି। ରାୟଗଡ଼ାରେ କେଉଁଠି ମାଟି କାନ୍ଥ ଭୁଶୁଡ଼ିଛି ତ ଆଉ କେଉଁଠି ଘର ଉପରେ ଗଛ ପଡ଼ିଛି । କେବଳ ଦକ୍ଷିଣ ଓଡ଼ିଶା ନୁହେଁ, ଉପକୂଳ ଓ ଉତ୍ତର ଓଡ଼ିଶାରେ ବି ଅବପାତର ପ୍ରଭାବ ଦେଖିବାକୁ ମିଳିଛି । ପୁରୀ କୃଷ୍ଣପ୍ରସାଦ ବ୍ଲକରେ ତୁହାକୁତୁହା ବର୍ଷା ଓ ଝଟ୍‌କା ପବନ ଯୋଗୁଁ ଅନେକ ଲୋକ ବାସହୀନ ହୋଇଛନ୍ତି । ଚିଲିକା ଅଶାନ୍ତ ହୋଇପଡ଼ିବାରୁ ୩୦ରୁ ଅଧିକ ମତ୍ସ୍ୟଜୀବୀ ଚିଲିକା ମଝିରେ ଫସିଥିଲେ। ବାଲେଶ୍ୱରରେ ମଧ୍ୟ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ଲଗାଣ ବର୍ଷା ଓ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି— ଏହି ୬ଟି ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି । ୬ ଜିଲ୍ଲାର ୨୭୩ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ୩୩ଟି ଓଡ୍ରାଫ୍ ଟିମ୍‌କୁ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରାଯାଇଛି । ବାତ୍ୟାର ରୂପ ନନେଇ ଗଭୀର ଅବପାତ ଭାବେ ଗତି କରିଥିଲେ ବି ଏହାର ପ୍ରଭାବରେ ହୋଇଥିବା ଅବିଶ୍ରାନ୍ତ ବର୍ଷା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜନଜୀବନକୁ ପ୍ରଭାବିତ କରିଛି ।

## ତୃତୀୟ ଦିନରେ ବି ...

ମିନିଟ୍, ଦ୍ୱିତୀୟ ଦିନ ୧୧ ମିନିଟ୍ ଓ ତୃତୀୟ ଦିନ ମାତ୍ର ୧୬ ମିନିଟ୍ ଗୃହକାର୍ଯ୍ୟ ଚାଲିଥିବା କୁହାଯାଇଛି । ତିନି ଦିନ ଧରି ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବା ପରେ ଏବେ ପ୍ରଶ୍ନ ଉଠୁଛି—ବିଧାନସଭାକୁ ସ୍ୱାଭାବିକ କରିବା ପାଇଁ କେବେ ହେବ ସର୍ବଦଳୀୟ ବୈଠକ ? କେବେ ଗୃହରେ ଆଲୋଚନା ହେବ ଓଡ଼ିଶାର ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ? ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାର ଦାୟିତ୍ୱ କିଏ ନେବେ, ଏବେ ତାହାକୁ ନେଇ ଚର୍ଚ୍ଚା ।

## ଓଡ଼ିଶା ଡିଜିପି ବିବାଦ...

ପ୍ରଥମ ତିନି ଜଣଙ୍କ ମଧ୍ୟରୁ କାହାକୁ ଉପଯୁକ୍ତ ନପାଇବେ, ସେଥିପାଇଁ ବିକଳ୍ପ ସୁନିଶ୍ଚିତ କରିବା ଲାଗି ଲେଭଲ-୧୬ର ତିନି ଜଣ ଓ ଲେଭଲ-୧୫ରୁ ଅନ୍ୟ ୮ଜଣଙ୍କୁ ମିଶାଇ ମୋଟ ୧୧ ଜଣ ଅଫିସରଙ୍କ ତାଲିକା ପଠାଯାଇଥିଲା। ମଇ ୧୪ ତାରିଖରେ ପଠାଯାଇଥିବା ପ୍ରସ୍ତାବରେ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଥିବା ପରଫରମାନ୍ସ ଆପ୍ରାଇଜାଲ ରିପୋର୍ଟ ଓ ସେବା ରେକର୍ଡ ଭିତ୍ତରେ ସମସ୍ତ ଅଫିସରଙ୍କ ସାଧୁତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ତେବେ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତିର ତଦନ୍ତ କରୁଥିବା ସିବିଆଇ ଅଗଷ୍ଟ ୪ ତାରିଖରେ ଓପିଆରବିର ପୂର୍ବତନ ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥଙ୍କୁ ପଚରାଉଚରା କରାଯିବାର ଆବଶ୍ୟକତା ପଡ଼ିପାରେ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ରାଜ୍ୟ ସରକାର ଏହି ତଥ୍ୟକୁ ୟୁପିଏସସିକୁ ଅବଗତ କରାଇବା ପରେ, ୟୁପିଏସସିର ନିର୍ଦ୍ଦେଶକ୍ରମେ ଅଗଷ୍ଟ ୧୩ ତାରିଖର ବୈଠକ ପୂର୍ବରୁ ସତର୍କତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଶ୍ରୀନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟକୁ ଅଟକାଇ ଅନ୍ୟ ୧୦ଜଣ ଅଫିସରଙ୍କ ସଂଶୋଧିତ ତାଲିକା ଦିଆଯାଇଥିଲା ବୋଲି ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ଯୁକ୍ତି ରଖିଥିଲେ। ତେବେ ସଲିସିଟର ଜେନେରାଲଙ୍କ ଏହି ଯୁକ୍ତି ଶୁଣାଣି ପରେ ଜଷ୍ଟିସ ଜୟମାଲ୍ୟ ବାଗଚୀ ଅତ୍ୟନ୍ତ କଡ଼ା ପ୍ରତିକ୍ରିୟା ବ୍ୟକ୍ତ କରି କହିଥିଲେ ଯେ,'ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ରୋକିବା ମାତ୍ରାଧିକ ପଦକ୍ଷେପ। ଆପଣ କ'ଣ ତାଙ୍କୁ ଅଭିଯୁକ୍ତଙ୍କ ଶ୍ରେଣୀରେ ଛିଡ଼ା କରାଇ ଦେଉଛନ୍ତି କି? ସରକାରଙ୍କ ଏହି ଆଚରଣ ଉଦ୍ଦେଶ୍ୟପ୍ରଣୋଦିତ କି ନୁହେଁ, ଆମେ ସେ କଥା କହୁନାହୁଁ । ଯଦି ଏହା କୁହାଯାଏ ଯେ କେବଳ ଗୋଟିଏ ମାମଲା ବିଚାରାଧୀନ ଥିବା କାରଣରୁ ହିଁ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ରୋକାଯାଇ ପାରିବ, ତେବେ ଏହା ଆମକୁ ଏପରି ଏକ ନିଷ୍କର୍ଷ ଆଡ଼କୁ ନେଇଯିବ ଯାହା ଘୋଡ଼ା ଆଗରେ ଗାଡ଼ି ଯୋଚିବା ଭଳି କାମ ହେବ । ଜଷ୍ଟିସ ବାଗଚୀ ଏକ ଉଦାହରଣ ଦେଇ କହିଥିଲେ ଯେ ଯଦି କୌଣସି ନ୍ୟାୟାଳୟର ମାଲଖାନା ବା ରେକର୍ଡ ରୁମରେ ହେରଫେର ହୁଏ ଓ ଏଫଆଇଆର ପଞ୍ଜିକୃତ ହୁଏ, ତେବେ ସେଠାକାର ଜିଲ୍ଲା ଜଜଙ୍କୁ ପଚରାଉଚରା କରାଯାଇପାରେ। କିନ୍ତୁ କେବଳ ଏହି କାରଣରୁ ଜିଲ୍ଲା ଜଜଙ୍କ ବାର୍ଷିକ ସର୍ଭିସ ରେକର୍ଡରେ ପ୍ରତିକୂଳ ମନ୍ତବ୍ୟ ଦିଆଯିବ କି ? ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ରୋକି ଦିଆଯିବ କି? ଏହି କଥା ହିଁ ଏବେ ଆମ ମନରେ ଉଙ୍କି ମାରୁଛି। ଏଭଳି କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅଫିସରଙ୍କ ଉପରେ ଏକ କଳଙ୍କ ଲାଗିଯାଏ। ତଦନ୍ତ ଏକ ନିରପେକ୍ଷ ତଥ୍ୟ ଅନୁସନ୍ଧାନ ମାତ୍ର, ଏହା କାହା ପ୍ରତି ପ୍ରତିଶୋଧ ନୁହେଁ। ଅପରାଧିକ ତଦନ୍ତ ସହିତ ଇଣ୍ଟିଗ୍ରିଟି ସାର୍ଟିଫିକେଟର କୌଣସି ସମ୍ପର୍କ ନାହିଁ ଓ କେବଳ ସିବିଆଇର ପତ୍ର ଆଧାରରେ ଏହି ସାର୍ଟିଫିକେଟ୍ ରୋକିବା କେତେଦୂର ଯଥାର୍ଥ ତାହା କୋର୍ଟ ପରୀକ୍ଷା କରିବେ ବୋଲି ଜଷ୍ଟିସ ବାଗଚୀ ସ୍ପଷ୍ଟ କରିଥିଲେ। ସେହିପରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏକ୍ସ-କ୍ୟାଡ଼ର ଡିଜି ପଦବୀ ଓ ପଦୋନ୍ନତି ପ୍ରକ୍ରିୟାର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ। ପ୍ରଧାନ ବିଚାରପତି କହିଥିଲେ ଯେ, କ୍ୟାଡ଼ର ପଦବୀ ବିରୋଧରେ କୌଣସି ସ୍ୱତଃସ୍ଫୂର୍ତ୍ତ ପଦୋନ୍ନତି ହୋଇପାରିବ ନାହିଁ, ଏଥିପାଇଁ ବିଧିବଦ୍ଧ ଚୟନ ପ୍ରକ୍ରିୟା ଆବଶ୍ୟକ। ଐତିହାସିକ ରୋୟାପ୍ପା ମାମଲା ଓ ହାଇକୋର୍ଟ ବିଚାରପତିଙ୍କ ସ୍ଥାୟୀ ଓ ଅତିରିକ୍ତ ପଦବୀ ବ୍ୟବସ୍ଥାର ଉଦାହରଣ ଦେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ରାଜ୍ୟରେ ଏକ୍ସ କ୍ୟାଡ଼ରରୁ କ୍ୟାଡ଼ରକୁ ଯିବା କିମ୍ବା ଲେଭଲ-୧୫ରୁ ଲେଭଲ-୧୬କୁ ପଦୋନ୍ନତି ଦେବା ପାଇଁ କୌଣସି ଆଇନଗତ ବ୍ୟବସ୍ଥା ରହିଛି କି ବୋଲି ପ୍ରଶ୍ନ କରିଥିଲେ। କ୍ୟାଡ଼ର ପଦବୀ ହିଁ ମୂଳ ପଦବୀ ଓ ଏକ୍ସକ୍ୟାଡ଼ର ଅଫିସରଙ୍କୁ ପ୍ରଥମେ କ୍ୟାଡ଼ର ପଦବୀକୁ ସ୍ଥାନାନ୍ତର କରାଯିବା ପରେ ହିଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇପାରିବ। ଏହି ବୈଧାନିକ ପ୍ରକ୍ରିୟା ପାଳନ କରାଯାଇଛି କି ନାହିଁ ବୋଲି ପ୍ରଧାନ ବିଚାରପତି ଜାଣିବାକୁ ଚାହିଁଥିଲେ। ତେବେ ସଲିସିଟର ଜେନେରାଲ ଏନେଇ ସ୍ପଷ୍ଟ ଉତ୍ତର ଦେଇନପାରି ମୁଖ୍ୟ ସଚିବଙ୍କ ସହ ଆଲୋଚନା କରି ଉତ୍ତର ରଖିବେ ବୋଲି କହି କୋର୍ଟଙ୍କ ସମୟ ଲୋଡ଼ିଥିଲେ। ଖଣ୍ଡପୀଠ ମଧ୍ୟ ଏହି ମାମଲାରେ ୟୁପିଏସସିର ଓକିଲଙ୍କ ପକ୍ଷ ଶୁଣିବାକୁ ଚାହିଁଥିଲେ। ୟୁପିଏସସି ଓକିଲ ମଧ୍ୟ ନିୟମାବଳୀର ଧାରା-୨(ସି) ଉଲ୍ଲେଖ କରି ଡିଜିପି ପଦବୀର ଶୂନ୍ୟସ୍ଥାନ ସୃଷ୍ଟି ହେବା ତାରିଖରେ ହିଁ ଅଫିସର ଲେଭଲ-୧୬ରେ ଥିବା ବାଧ୍ୟତାମୂଳକ ବୋଲି କହିଥିଲେ। ଅନ୍ୟପକ୍ଷରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି. ଚିଦାମ୍ବରମ ସରକାରଙ୍କ ଆଭିମୁଖ୍ୟକୁ ନେଇ ଆଜି ପୁଣିଥରେ ସିଧାସଳଖ ଆକ୍ରମଣ କରିଥିଲେ।

## ଜ୍ଞାନେଶ କୁମାରଙ୍କୁ ସିଜେପିର...

ସିଜେପିର ସହ ଆବାହକ ସୌରଭ ଦାସ ୩ଟି ଦାବି ଉପସ୍ଥାପନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା, ଜ୍ଞାନେଶ କୁମାର ଓ ତାଙ୍କୁ ଅନିୟମିତତା କରିବାକୁ ନିର୍ଦ୍ଦେଶ ଦେଇଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଅପରାଧିକ ମାମଲା ଓ ଆଗାମୀ ବିଧାନସଭା ନିର୍ବାଚନକୁ ଫ୍ରିଜ କରିବା ଭଳି ୩ଟି ଦାବି ସେ ରଖିଛନ୍ତି। ଏହାବାଦ ଏସ୍‌ଆଇଆର ସହ ଜଡ଼ିତ ସମସ୍ତ ଫାଇଲକୁ ସୁପ୍ରିମକୋର୍ଟ ନେତୃତ୍ୱାଧୀନ କମିଟି ହେପାଜତକୁ ପଠାଯାଉ ଓ ନିର୍ବାଚନ କମିଶନର ନିଯୁକ୍ତି ପାଇଁ ପ୍ରଣୟନ ଆଇନକୁ ରଦ୍ଦ ପାଇଁ ମଧ୍ୟ ସିଜେପି ପକ୍ଷରୁ କୁହାଯାଇଛି। ନିର୍ବାଚନ କମିଶନ ନେଇଥିବା ଏସ୍‌ଆଇଆର ସମ୍ପର୍କିତ ନିଷ୍ପତ୍ତିକୁ ନେଇ ୩ ଜଣିଆ ପ୍ୟାନେଲରେ ଥିବା ୨ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ୧୦ ମାସରେ ୧୪ଥର ଆପତ୍ତି କରିଥିଲେ। ସେମାନଙ୍କ ଅଗୋଚରରେ ମୁଖ୍ୟ ନିର୍ବାଚନ କମିଶନର ସବୁ ପ୍ରକାରର ନିଷ୍ପତ୍ତି ନେଉଥିଲେ ବୋଲି ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟ ପ୍ରକାଶ କରିବା ପରେ ସିଜେପି ଏପରି ଦାବି କରିଛି। ତେବେ ମତଭେଦ ଅଭିଯୋଗକୁ ନିର୍ବାଚନ କମିଶନଙ୍କ ପୂର୍ବରୁ ଖଣ୍ଡନ କରାଯାଇଛି। ଆୟୋଗଙ୍କ କହିବା କଥା ଯେ ଭିନ୍ନ ମତ, ଲିଖିତ ମତ ଓ ଆଭ୍ୟନ୍ତରୀଣ ଯାଞ୍ଚ ଗୋଟିଏ ସୁସ୍ଥ ଆଲୋଚନାର ଅଂଶବିଶେଷ। ହେଲେ ସବୁ ପ୍ରକାରର ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଯାଇଥିବା ବିବାଦ ପରେ ଆୟୋଗ ପକ୍ଷରୁ ସଫେଇ ଦିଆଯାଇଛି। ଏହି ବିବାଦ ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚିଛି। ଆଇନଜୀବୀ ବ୍ରଜେଶ ସିଂହ ସିଧାସଳଖ ଜ୍ଞାନେଶ କୁମାରଙ୍କ ବିରୋଧରେ ଅପରାଧିକ ମାମଲା ଚାଲୁ କରିବା ପାଇଁ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀଙ୍କ ସହମତି ଲୋଡ଼ିଛନ୍ତି। ଜ୍ଞାନେଶ କୁମାର ପ୍ୟାନେଲରେ ଥିବା ବାକି ଦୁଇ ଜଣ ନିର୍ବାଚନ କମିଶନରଙ୍କୁ ବାଇପାସ କରିଥିବାରୁ ଏହା ସୁପ୍ରିମକୋର୍ଟ ଦେଇଥିବା ରୁଲିଂ ଉଲ୍ଲଙ୍ଘନ ବୋଲି ମଧ୍ୟ କହିଛନ୍ତି। ସିଜେପିର କହିବା କଥା ଯେ ଏବେ ଭୋଟ ଚୋରି ଦେଶରେ ଗୋଟିଏ ବଡ଼ ପ୍ରସଙ୍ଗରେ ପରିଣତ ହୋଇଛି।

## ଟିଏମସି ନାମ-ଚିହ୍ନ ...

'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ ସହ 'ଲିଫାଫା' ଚିହ୍ନ ଦିଆଯାଇଛି। ଏହି ବ୍ୟବସ୍ଥା ଅନ୍ତରୀଣ ଏବଂ ଚୂଡ଼ାନ୍ତ ନିଷ୍ପତ୍ତି ନଆସିବା ପର୍ଯ୍ୟନ୍ତ ଲାଗୁ ରହିବ। ମମତା ବାନାର୍ଜୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବ୍ବଲ ନିର୍ବାଚନ କମିସନଙ୍କ ନିଷ୍ପତ୍ତିର ସମୟକୁ ନେଇ ପ୍ରଶ୍ନ ଉଠାଇଥିଲେ। ତାଙ୍କ ଯୁକ୍ତି ଥିଲା, ଉପନିର୍ବାଚନ କାର୍ଯ୍ୟକ୍ରମ ଘୋଷଣା ହୋଇସାରିବା ପରେ ଇସି ଏଭଳି ଅନ୍ତରୀଣ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଯଦି ପୂର୍ବରୁ, ଅର୍ଥାତ୍ ଜୁଲାଇରେ ନିଆଯାଇଥାନ୍ତା, ତେବେ ଏହା ବିରୋଧରେ ଆଇନଗତ ପଦକ୍ଷେପ ନେବା ପାଇଁ ତାଙ୍କ ପକ୍ଷକୁ ଅଧିକ ସମୟ ମିଳିଥାନ୍ତା। ସିବ୍ବଲ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରେ ଦଳର ନାମ ଓ ଚିହ୍ନକୁ ନେଇ ଏଭଳି ନିଷ୍ପତ୍ତି ହେଲେ ଦଳ ପାଖରେ ପ୍ରଭାବୀ ଆଇନଗତ ପ୍ରତିକାରର ସୁଯୋଗ ସୀମିତ ହୋଇପାରେ। ତେଣୁ ଇସି ମାମଲାକୁ ଶୀଘ୍ର ଶୁଣାଣି କରି ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ ଦାବି କରିଥିଲେ। ଅନ୍ୟପଟେ, ନିର୍ବାଚନ କମିସନଙ୍କ ପକ୍ଷରୁ ଉପସ୍ଥିତ ଆଇନଜୀବୀ ଅତ୍ୟଧିକ କମ୍ ସମୟ ମଧ୍ୟରେ ମାମଲାର ନିଷ୍ପତ୍ତି ନେବା ପାଇଁ ସମୟସୀମା ଧାର୍ଯ୍ୟ କରିବା ଉପରେ ଆପତ୍ତି ଜଣାଇଥିଲେ। ଉଭୟ ପକ୍ଷର ଦସ୍ତାବିଜ ଓ ପ୍ରମାଣର ବିଚାର ପାଇଁ ଯଥେଷ୍ଟ ସମୟ ଆବଶ୍ୟକ ବୋଲି ଇସି ପକ୍ଷରୁ କୁହାଯାଇଥିଲା। ତେବେ ମାମଲାକୁ ଶୀଘ୍ର ନିଷ୍ପତ୍ତି କରିବାରେ କମିସନଙ୍କର ମୌଳିକ ଆପତ୍ତି ନଥିବା କଥା ମଧ୍ୟ ଅଦାଲତରେ ଜଣାଯାଇଛି। ସୁପ୍ରିମକୋର୍ଟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଉଭୟ ପକ୍ଷକୁ ନିଜ ନିଜ ପ୍ରମାଣ ରଖିବାର ସୁଯୋଗ ଦିଆଯିବା ଦରକାର। କିନ୍ତୁ ଏହା ସହ ମାମଲାକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଝୁଲାଇ ରଖାଯିବା ଉଚିତ ନୁହେଁ ବୋଲି ଖଣ୍ଡପୀଠର ଆଲୋଚନାରୁ ସ୍ପଷ୍ଟ ହୋଇଛି। ଏହି ବିବାଦର ଗୁରୁତ୍ୱ ଆଗାମୀ ପଶ୍ଚିମବଙ୍ଗ ଉପନିର୍ବାଚନ ଦୃଷ୍ଟିରୁ ମଧ୍ୟ ବଢ଼ିଛି। ନନ୍ଦୀଗ୍ରାମ ଓ ରେଜିନଗର ସମେତ ନିର୍ଦ୍ଧାରିତ ଉପନିର୍ବାଚନ ପୂର୍ବରୁ ଦଳର ନାମ ଓ ଚିହ୍ନକୁ ନେଇ ଚାଲିଥିବା ବିବାଦରେ ସୁପ୍ରିମକୋର୍ଟର ପରବର୍ତ୍ତୀ ଶୁଣାଣି ଉପରେ ନଜର ରହିଛି।

ଶୁକ୍ରବାର, ସେପ୍ଟେମ୍ବର ୨୫, ୨୦୨୬

# ଧ୍ୱନି ପ୍ରତିଧ୍ୱନି

## ଭାଗବତ ପାରାୟଣ ହିଁ ଆମର ପରିଚୟ: ବରିଷ୍ଠ ନାଗରିକ ସଂଘ

ଉଦଳା , ୨୪/୯ (ନି.ପ୍ର): ବରିଷ୍ଠ ନାଗରିକ ସଂଘର ଉଦ୍ୟମରେ ଉଦଳା ସହରର ଓ୍ୱାର୍ଡ଼ ନଂ-୧ ଠାରେ ଗଢ଼ିଉଠିଥିବା ଭାଗବତ ଟୁଙ୍ଗି ପରିସରରେ ଚଳିତ ସେପ୍ଟେମ୍ବର ୨୦ତାରିଖ ରବିବାର ଠାରୁ ପାରାୟଣର ପର୍ବ ଆରମ୍ଭ ହୋଇଛି । ଏକ ସପ୍ତାହ ବ୍ୟାପି ଏହି ପାରାୟଣ ଚାଲିବା ସହ ୨୬ ତାରିଖ ଶନିବାର ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଦିବସବ୍ୟାପି ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ରାଧାକୃଷ୍ଣଙ୍କ ବିଗ୍ରହକୁ ପୂଜାର୍ଚ୍ଚନା କରାଯିବା ସାଙ୍ଗକୁ ଭାଗବତ ପାଠ ଓ ଆଲୋଚନାଚକ୍ରର ପର୍ବ ଅନୁôଠିତ ହେଉଛି । ଅତିତରେ ଭାଗବତ ଟୁଙ୍ଗି ଓଡ଼ିଶାର ପରିଚୟ ଥିବା ବେଳେ ଭାଗବତ ସପ୍ତାହରେ ପାରାୟଣ ଏହାର ମୁଖ୍ୟ ପର୍ବ ଭାବରେ ପରିଗଣିତ ହେଉଥିଲା । ମୋଟାମୋଟି ଭାବରେ ଓଡ଼ିଶାର ଜନଜୀବନକୁ ଭାଗବତ ଟୁଙ୍ଗି ହିଁ ପ୍ରଭାବିତ କରୁଥିଲା । ସେଥିପାଇଁ ଓଡ଼ିଶାର ଭାଷା ଓ ସଂସ୍କୃତିରେ ଭିନ୍ନସ୍ୱାଦର ବାତାବରଣ ପରିଲକ୍ଷିତ ହେଉଥିଲା ଓଡ଼ିଶାର ପ୍ରାଣକେନ୍ଦ୍ର କହିଲେ ଭାଗବତ ଟୁଙ୍ଗିକୁ ବୁଝାଉଥିଲା । ଧିରେ ଧିରେ ଭାଗବତ ଟୁଙ୍ଗି ଗୁଡ଼ିକ ବନ୍ଦ ହୋଇଯିବା ଫଳରେ ଓଡ଼ିଶା ତାର ପରିଚୟ ହଜାଇଦେବାକୁ ବସୁଛି । ଏଥିପାଇଁ ବରିଷ୍ଠ ନାଗରିକ ସଂଘ ତରଫରୁ କ୍ଷୋଭ ପ୍ରକାଶ ପାଇବା ସହ ଅତିତର ସେହି ବାତାବରଣକୁ ପୁଣିଥରେ ଫେରାଇ ଆଣିବା ପାଇଁ ଏହିଭଳି ଏକ ଉଦ୍ୟମ ଜାରି ରହିଛି ବୋଲି କୁହାଯାଉଛି । ଶଚିଦାନନ୍ଦ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ସାହୁ, ନରେନ୍ଦ୍ର ମୋହନ ଜେନା, ପ୍ରତାପ ଚନ୍ଦ୍ର ପଣ୍ଡା, ପୁଷ୍ପଲତା ପଣ୍ଡା, ଭଗବାନ ଆରୁଖ, ଶୁଭଦ୍ରା ଆରୁଖ, ପ୍ରମିଳା ଜେନା, ଉପେନ୍ଦ୍ରନାଥ ପୁହାଣ, କାଶିନାଥ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଉଛନ୍ତି ।




## ଜଳକା ନଦୀରେ ଷଷ୍ଠଥର ବନ୍ୟା

ବସ୍ତା, ୨୪/୯ (ନି.ପ୍ର): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ମଥାନୀ ଠାରେ ଜଳକା ନଦୀରେ ଷଷ୍ଠଥର ବନ୍ୟା ଆସିଛି । ଫଳରେ ବସ୍ତା ବ୍ଲକର ୧୦ଟି ପଞ୍ଚାୟତ ସମେତ ସଦର ବ୍ଲକର ୨ଟି ପଞ୍ଚାୟତର ଅନେକ ଗାଁ ବନ୍ୟା ପାଣି ରେ ପ୍ରଭାବିତ ହେବାର ସମ୍ଭାବନା ରହିଛି । ମଥାନୀ ଠାରେ ଜଳକା ନଦୀର ବିପଦ ସଂକେତ ୬.୫୦ ମିଟର ଥିବାବେଳେ ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ନଦୀର ଜଳସ୍ତର ୬.୫୬ ମିଟରରେ ପ୍ରବାହିତ ହେଉଥିଲା । ଉପରମୁଣ୍ଡରେ ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁଁ ଚଳିତ ବର୍ଷ ଜଳକା ନଦୀରେ ଷଷ୍ଠ ଥର ପାଇଁ ବନ୍ୟା ପରିସ୍ଥିତି ଦେଖାଦେଇଛି ।



ବସ୍ତା ବ୍ଲକର ପତ୍ରଝଡା, ସଦାନନ୍ଦପୁର, ବରୁଣଗଡ଼ିଆ, ମଥାନୀ, ବାହାର୍ଦ୍ଦା, କୁଡ଼ିଆ, ଦରଡ଼ା, ମୁକୁଳିଶି, ଚକୁରାଇ ଓ ଦୁଧହଂସା ପଞ୍ଚାୟତର ଅନେକ ଗାଁ ବନ୍ୟା ପାଣିରେ ପ୍ରଭାବିତ ହେବ । ସେହିପରି ସଦର ବ୍ଲକର ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତର ଅନେକ ଗାଁ ମଧ ବନ୍ୟା ପାଣିରେ ପ୍ରଭାବିତ ହେବ । ବାରମ୍ବାର ବନ୍ୟା ଆସିବା ଯୋଗୁଁ ଚାଷୀକୂଳ ହତାଶ ହୋଇପଡ଼ିଛନ୍ତି । ଷଷ୍ଠ ଥର ପାଇଁ ବନ୍ୟା ପାଣି ମାଡ଼ି ଆସିବାରୁ ଚାଷୀମାନେ ଯେଉଁ ଜମିରେ କଷ୍ଟ କରି ଧାନ ରୁଆ କରିଥିଲେ, ସେହି ଚାଷ ଜମି ପୁଣିଥରେ ପାଣିରେ ବୁଡ଼ିଯାଇଛି । ଫଳରେ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି ।

## ଜିଲ୍ଲାସ୍ତରୀୟ ଏକ ଦିବସୀୟ 'ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬' ଆଧାରିତ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର , ୨୪/୯ (ନି.ପ୍ର): ଜିଲ୍ଲାପାଳଙ୍କ ସଭାଗୃହରେ ଗୁରୁବାର ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏକ ଦିବସୀୟ ବାଲ୍ୟ ବିବାହ ନିଷେଧ ଅଧିନିୟମ ଆଧାରିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋସ୍ନା ମହାନ୍ତି ପୌରାହିତ୍ୟ କରିବା ସହିତ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ସ୍ପଷ୍ଟ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ମହୋଦୟ ଉପସ୍ଥିତ ହୋଇ ଶିବିରକୁ ଉଦ୍ଘାଟନ କରିବା ସହିତ ତୃଣମୂଳ ସ୍ତରରେ ବାଲ୍ୟ ବିବାହକୁ ରୋକିବା ପାଇଁ କ୍ଷେତ୍ରସ୍ତରୀୟ ବିଭିନ୍ନ ପଦକ୍ଷେପ ସହ ସରକାରୀ କର୍ମଚାରୀ ମାନଙ୍କର ଭୂମିକା ଏବଂ ଦାୟିତ୍ୱ ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଆଇନ ଶୃଙ୍ଖଳା ସମ୍ପର୍କରେ ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ସୁରକ୍ଷା ଏବଂ କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ଯୁଥିକାରାଣୀ ରାୟ, କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ଗିରିବାଲା ମହନ୍ତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର, ମହିଳା ସଶକ୍ତିକରଣର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ ପ୍ରମୁଖ ମଞ୍ଚାସୀନ ହୋଇ ବାଲ୍ୟ ବିବାହ ପ୍ରଥା ସମାଜ ପ୍ରତି କଳଙ୍କିତ ଅଧ୍ୟାୟ ଅଟେ । ଏହା ଦ୍ୱାରା ବାଳିକା ଓ ବାଳକ ଉଭୟଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ମାନସିକ ବିକାଶ ଉପରେ କୁପ୍ରଭାବ ପଡ଼ିଥାଏ । ସେମାନଙ୍କ ପରିବାରକୁ କୁପୋଷଣର ଶିକାର ହେବାକୁ ପଡ଼ିଥାଏ ଏବଂ କାଳକ୍ରମେ ପରିବାରରେ ସୁଖ ଶାନ୍ତି ସମୃଦ୍ଧି ପରିବର୍ତ୍ତେ ଅଶାନ୍ତି ଓ କଳହ ପୂର୍ଣ୍ଣଗ୍ରାସ କରି ସଂସାରକୁ ନଷ୍ଟ କରିଦିଏ ବୋଲି ଆଲୋଚନାରେ ଉପସ୍ଥାପନ କରିଥିଲେ । ଏହି ଶିବିରରେ ତାଲିମ ଦାତା ଭାବେ ପୋଲିସ ଉପ-ଅଧିକ୍ଷକ ନିର୍ମଳା ଗୋଛାୟତ ଓ ଶିଶୁ ସହାୟତା କେନ୍ଦ୍ରର କେସ ଓ୍ୱାର୍କର ପ୍ରଶାନ୍ତ କୁମାର ରାଉତ ଉପସ୍ଥିତ ହୋଇ ବାଲ୍ୟ ବିବାହ ନିଷେଧ ଅଧିନିୟମ ଅନୁସାରେ ଆଇନର ବିଭିନ୍ନ ଧାରା ଏବଂ ଏହାର ଆଇନଗତ ପ୍ରାବଧାନ ସହିତ ସୁରକ୍ଷିତ ଭବିଷ୍ୟତ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଏହାକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ହେଲ୍ପଲାଇନ ନମ୍ବର ☏୧୦୯୮ ( ଶିଶୁ ସହାୟତା କେନ୍ଦ୍ର), ☏୧୮୧ ( ମହିଳା ସହାୟତା କେନ୍ଦ୍ର), ☏୧୧୨ (ଜରୁରୀକାଳୀନ ସହାୟତା କେନ୍ଦ୍ର)ର ସଠିକ ବ୍ୟବହାର ଓ ଉପଯୋଗ ସହିତ ବିଭିନ୍ନ କାର୍ଯ୍ୟାଳୟର ସମନ୍ୱୟରେ କର୍ମକର୍ତ୍ତା ମାନଙ୍କ ସଂପୃକ୍ତି ଦ୍ୱାରା ରୋକା ଯାଇପାରିବା ଉପରେ ସ୍ପଷ୍ଟ ଧାରଣା ପ୍ରଦାନ କରିଥିଲେ । ଆଜିର ଏହି ତାଲିମ ଶିବିରକୁ ଅଧିକ ସାରସ୍ୱତ କରିବା ପାଇଁ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରିଣୀ,ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଗଣ, ହଷ୍ଟେଲ ମାଟ୍ରନ, ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର କର୍ମକର୍ତ୍ତା, ଶିଶୁ ସହାୟତା କେନ୍ଦ୍ରର କର୍ମକର୍ତ୍ତା, ସଖି ଏକକ ବିନ୍ଦୁ ସହାୟତା କେନ୍ଦ୍ରର କର୍ମକର୍ତ୍ତା ଓ ଅନ୍ୟ କର୍ମଚାରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିଥିଲେ । ଶେଷରେ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ଯୁଥିକାରାଣୀ ରାୟ ଧନ୍ୟବାଦ ଅର୍ପଣ କରି ଶିବିରକୁ ଉଦଯାପନ କରିଥିଲେ ।

## କନିଷ୍ଠ ଯନ୍ତ୍ରୀ ନଥିବା ବେଳେ ରାତ୍ରିରେ କାମ ହେଉଥିବା ନେଇ ଗ୍ରାମବାସୀଙ୍କ ଅଭିଯୋଗ



ବାଲିଆପାଳ, ୨୪/୯ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ସିମୁଳିଆ ଗ୍ରାମରେ ସରକାରୀ ପୋଖରୀ ଆଡି ଜାଗାରେ ସଭାଗୃହ କାର୍ଯ୍ୟ ଚାଲିଛି । ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପର ଆର୍ଥିକ ବର୍ଷ ୨୫-୨୬ରେ ଅଟକଳ ମୂଲ୍ୟ ଦଶ ଲକ୍ଷ ଟଙ୍କାର କାମ ହେଉଛି । ମାତ୍ର ଯନ୍ତ୍ରିଙ୍କ ଅଜାଣତରେ ଠିକାଦାର ରାତ୍ରିରେ ଟର୍ଚ୍ଚ ଆଲୁଅରେ ଢ଼ଳେଇ ପକାଉଛନ୍ତି । ଏହା ବ୍ୟତୀତ ଦଶ ଫୁଟୁ ବୋରିଂ ଏଷ୍ଟିମେଣ୍ଟ ରହିଥିବା ବେଳେ ୬ ଫୁଟରୁ ୮ଫୁଟ ହେଉଛି । ବାଲି , ସିମେଣ୍ଟର ଭାଗ ମାପ ନିଜ ଇଚ୍ଛା ଅନୁସାରେ ଠିକାଦାର ପକାଉଛନ୍ତି । ରାତିରେ ଢଳାଇ ପଡୁଥିବା ବେଳେ ପୁଣି ସରକାରୀ ଅଧିକାରୀଙ୍କ ଅନୁପସ୍ଥିତିରେ କାମ ନିମ୍ନ ମାନର ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ମଧୁପୁରା ଜେଇ ପ୍ରଫୁଲ୍ଲ ମଲ୍ଲିକ ଙ୍କୁ ପଚାରିବାରୁ ରାତିରେ କାମ କରିବା ବିଷୟରେ ମୁଁ ଜାଣି ନାହିଁ ବୋଲି କହିଛନ୍ତି । ଏଠାରେ ସୁଚନା ଥାଉ କି ପୂର୍ବରୁ ଉକ୍ତ ପୋଖରୀ ହୁଡ଼ାରେ ସଭାଗୃହ ନକରିବା ପାଇଁ ଗ୍ରାମ ବାସି ଦାବି କରିଛନ୍ତି ।

## ଅଙ୍ଗନୱାଡି କେନ୍ଦ୍ରକୁ ମିଳୁଛି କମ୍ ଚାଉଳ: ତଦନ୍ତ ଦାବି

ଖଇରା , ୨୪/୯ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଚାଉଳ ପ୍ୟାକେଟରେ କମ ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି । କେନ୍ଦ୍ରର କର୍ମୀ ମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ଅନିୟମିତତାର ତଦନ୍ତ କରିବାକୁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ପିଲା ପଠାଉଥିବା ଅଭିଭାବକ ଓ ଖାଦ୍ୟ କମିଟି ପକ୍ଷରୁ ଦାବି କରାଯାଇଛି । ଖଇରା ବ୍ଲକରେ ବର୍ତ୍ତମାନ ୩୪୮ କେନ୍ଦ୍ର ଚାଲିଥିବା ବେଳେ ଶୁନରୁ ୩ବର୍ଷ ପର୍ଯ୍ୟନ୍ତ ୫ହଜାର ୭୩୨ଜଣ ପିଲା ପଢୁଥିବା ବେଳେ ୩ବର୍ଷରୁ ୬ବର୍ଷ ମଧ୍ୟରେ ୪ହଜାର ୩୦୬ ପିଲା ପଢୁଛନ୍ତି । ସରକାର ଙ୍କ ଗାଇଡଲାଇନ ଅନୁଯାୟୀ ୩ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ପଢୁଥିବା ପିଲାଙ୍କୁ ଦୈନିକ



ହାରାହାରି ୮୦ଗ୍ରାମ ଏବଂ ୨୫ଦିନକୁ ପାଖାପାଖି ୮୬କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଉଛି । ହେଲେ ଚାଉଳ ଯୋଗାଉଥିବା ସଂସ୍ଥା ପ୍ୟାକେଟରେ ୫୦କିଲୋ ପରିବର୍ତ୍ତେ ଯଥେଷ୍ଟ କମ ଚାଉଳ ଦେଉଥିବା ନେଇ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ମାନେ କହୁଛନ୍ତି । ତେବେ ସଂପୃକ୍ତ ସଂସ୍ଥା ଭୟରେ ଲିଖିତ ଅଭିଯୋଗ କରିବାକୁ ଭୟ କରୁଛନ୍ତି । ଏ ସମ୍ପର୍କରେ ଖଇରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀ ଉର୍ମିଳା ବେହେରାଙ୍କ ପ୍ରତିକ୍ରିୟା ନେବାରେ ଏଭଳି ଅଭିଯୋଗ ତାଙ୍କ ନିକଟକୁ ଆସିନଥିବା କହିଛନ୍ତି । ଖଇରାରେ ଚାଉଳ ଯୋଗଉଥିବା ଏହି ସଂସ୍ଥା ସିମୁଳିଆ ବ୍ଲକରେ ଛତୁଆ ଯୋଗାଇବା ଦାୟିତ୍ୱ ନେଇଥିବା ବେଳେ ଛତୁଆର ମାନ ମଧ୍ୟ ଠିକ ରହୁନଥିବା ଏବଂ ପରିମାଣ ମଧ୍ୟ କମଥିବା ନେଇ ସିମୁଳିଆର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ମାନେ କହିଛନ୍ତି ।

## ଦୁଇ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବୈଶିଙ୍ଗା , ୨୪/୯ (ନି.ପ୍ର): ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ପଞ୍ଚାୟତର ଭାଲୁବସା(ବାଲକା)ସ୍ଥିତ ଭାଲୁବସା ୟୁଥ କ୍ଲବ ପକ୍ଷରୁ ଆୟୋଜିତ ପ୍ରଥମ ବାର୍ଷିକ ଦୁଇ ଦିବସୀୟ ଫୁଟବଲ ପ୍ରତିଯୋଗିତା-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପ୍ରଥମ ଦିବସରେ ଆଠ ଗୋଟି ଦଳ ଓ ଦ୍ୱିତୀୟ ଦିବସରେ ଆଠ ଗୋଟି ଦଳ ଏହିପରି ମୋଟ ୧୬ ଗୋଟି ଦୋଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍‌ଟି କାଶିମପୁର ଓ ଭଞ୍ଜ ଲାୟନ୍,ବାଲକା ମଧ୍ୟରେ ହୋଇଥିଲା । ଫାଇନାଲ ମ୍ୟାଚ୍‌ରେ କାଶିମପୁର ବିଜୟୀ ହୋଇ ଚମ୍ପିୟାନ ହୋଇଥିବା ବେଳେ ଭଞ୍ଜ ଲାୟନ୍,ବାଲକା ଦଳ ରନର୍ସଅଫ୍ ହୋଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକର ବିଜେଡି ସଭାପତି ରାଜିବ ରଞ୍ଜନ ସେନାପତି ମୂଖ୍ୟ ଅତିଥିଭାବେ ଓ ପୂର୍ବତନ ସମିତି ସଭ୍ୟ କେଶବ ଚନ୍ଦ୍ର ସିଂହ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ-ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ । ସମାଜସେବୀ ସୁବାଷ ମହାନ୍ତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବ୍‌ର ସଭାପତି ଅଭି ଟୁଡୁଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସୁରେନ୍ଦ୍ର ସୋରେନ,ସହକାରୀ ସମ୍ପାଦକ ଘନଶ୍ୟାମ ମୁର୍ମୁ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ରାଜିବ ରଞ୍ଜନ ସେନାପତି ଚାମ୍ପିଆନ ଦୋଳକୁ ପ୍ରଥମ ପୁରସ୍କାର ଓ କେଶବ ଚନ୍ଦ୍ର ସିଂହ ରନର୍ସଅଫ ଦଳକୁ ଦ୍ୱିତୀୟ ପୁରଷ୍କାର ପ୍ରଦାନ କରିଥିଲେ । ଭାଲୁବସା ୟୁଥ୍ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ପ୍ରତିଯୋଗିତାଟି ସୂଚାରୁରୂପେ ସମାପ୍ତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ବାତ୍ୟା ଜନିତ ବର୍ଷାରେ ମଧ୍ୟ ବହୁ ସଂଖ୍ୟାର କ୍ରୀଡାପ୍ରେମୀ ଉପସ୍ଥିତ ହୋଇ କ୍ରୀଡାକୁ ଉପଭୋଗ କରିଥିଲେ ।

## ଅବସର ପ୍ରାପ୍ତ ମୁଖ୍ୟ କିରାଣୀଙ୍କ ବିୟୋଗ

ବୈଶିଙ୍ଗା , ୨୪/୯ (ନି.ପ୍ର): ବେତନଟୀ ବ୍ଲକ ଅଧୀନ ଦହିକୋଟୀ ଶାସନ ର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ସାନ ଭଗବାନ ମିଶ୍ରଙ୍କ ମଧମ ପୁତ୍ର ହରିଶ୍ଚନ୍ଦ୍ର ମିଶ୍ର(୭୭)ଙ୍କ ର ଗତ ୨୨ତାରିଖ ମଙ୍ଗଳବାର ଭୋର ୫ ଟା ସମୟରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ପରଲୋକ ହୋଇଯାଇଛି । ଜଣେ ସାଧାରଣ ସଂଗ୍ରାମୀ ପରିବାରରେ ୧୯୪୯ ମସିହାରେ ଜନ୍ମ ହୋଇଥିଲେ । ନିଜ ପାରିବା ପଣରେ ୧୯୬୭ ମସିହାରେ ଜଣେ କିରାଣୀ ଭାବେ ତାଙ୍କର ଚାକିରୀ ଜୀବନ ଆରମ୍ଭ କରିଥିଲେ । ବିଭିନ୍ନ ସ୍ଥାନରେ ଚାକିରୀ ଜୀବନ କାଟିବା ପରେ ବେତନଟୀ ତହସିଲ କାର୍ଯ୍ୟାଳୟ ର ମୁଖ୍ୟ କିରାଣୀ ଭାବେ ୨୦୦୭ ମସିହା ଜାନୁଆରୀ ୩୧ ତାରିଖରେ କର୍ମମୟ ଜୀବନରୁ ସେବା ନିବୃତ ହୋଇଥିଲେ । ତାଙ୍କର ବିଧବା ପତ୍ନୀ ଓ ଚାରି ଝିଅ ଓ ଜ୍ୱାଇଁ ଅଛନ୍ତି । ତାଙ୍କ ମରଶରୀର ନିକଟରେ ତାଙ୍କର ପରିବାର ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଏକ ଶୋକାକୁଳ ପରିବେଶ ମଧରେ ତାଙ୍କୁ ଗ୍ରାମ ଶ୍ମଶାନ କୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ପୁତୁରା ଶଶିଭୂଷଣ ମିଶ୍ର ମୁଖାଗ୍ନି ଦେଇଥିଲେ ।




## ନୀଳଗିରି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ନୀଳଗିରି, ୨୪/୯ (ନି.ପ୍ର): ନୀଳଗିରି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ +୩ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଉକ୍ତ ସଭାରେ ବିଭାଗୀୟ ମୁଖ୍ୟ ଡ ସଂଗ୍ରାମ କୁମାର ରାଉତ ଅଧକ୍ଷତା କରିଥିଲେ । ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଅନ୍ତର୍ଯ୍ୟାମୀ ରାଉଳ ଛାତ୍ରଛାତ୍ରୀଙ୍କୁ ଇ ଲାଇବ୍ରେରୀର ସଦୁପଯୋଗ କରିବା ପାଇଁ ଏବଂ ଶିକ୍ଷା ହିଁ ଉନ୍ନତିର ଏକ ମାଧମ ବୋଲି ଆଲୋକପାତ କରିଥିଲେ । ବିଭାଗର ଅନ୍ୟ ଅଧାପିକା ଯଶ୍ମିନ ଦାସ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମହତ୍ତ୍ୱ ଓ ଆବଶ୍ୟକତା ବାବଦରେ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ଅଣ-ଶିକ୍ଷକ କର୍ମଚାରୀ ମାନେ ଉପସ୍ଥିତ ରହି ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ ।




## ଫିନେଷ୍ଟାର ବାରିପଦାରେ ନୂତନ ସୋ ରୁମର ଶୁଭ ଉଦ୍ଘାଟନ

### ବାରିପଦାରେ ଖୋଲିଲା ଫିନେଷ୍ଟାର ନୂତନ ସୋ ରୁମ୍

ବାରିପଦା , ୨୪/୯ (ନି.ପ୍ର): ବାରିପଦା ସହରରେ ନୁଆ କରି ଖୋଲିଲା ଫିନେଷ୍ଟା କମ୍ପାନୀ ର ସୋ ରୁମ୍ । ଅତ୍ୟାଧୁନିକ ଏହି ସୋ ରୁମ୍ ବାରିପଦା ସହର ର ୧୮ ନଂ ଜାତୀୟ ରାଜପଥର ଦାରୋଘାଡାହି ଗୋଲେଇ ରେ ଏହି ସୋ ରୁମ୍ ର ନୁଆ ଆଉଟଲେଟ ଖୋଲାଯାଇଛି । ଫର୍ଣ୍ଣିଚର ଓ୍ୱାଲ୍ଡ ତଥା ଚନ୍ଦନ ଏଣ୍ଟ୍ରାଇଜେସ ର ଉପର ମହଲାରେ ଏହି ଫିନେଷ୍ଟା ର ସୋ ରୁମ୍ ରେ ଆଲୁମିନିୟମ ଡୋର, ୟୁପିଭିସି ଡୋର,ଡ଼ବ୍ଲୁ ପିସି ଡୋର ସହ ଉଡେନ ଡୋର ଏବଂ ୱିଣ୍ଡୋ ମଧ ଉପଲବ୍ଧ କରାଯାଇଛି । ଗୁରୁବାର ମାହେନ୍ଦ୍ର ବେଳାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ କରକମଳରେ ଏହି ସୋ ରୁମ୍ ର ଶୁଭ ଉଦଘାଟନ କରାଯାଇଥିଲା । କମ୍ପାନୀ ର ଓଡିଶା ମୁଖ୍ୟ ସ୍ମୃତି ରଞ୍ଜନ ମହାନ୍ତି, ଆଞ୍ଚଳିକ ମୁଖ୍ୟ ଅନ୍ତର୍ଯ୍ୟାମୀ ପ୍ରଧାନ, ସ୍ଥାପନା ମୁଖ୍ୟ ସତ୍ୟବାନ ସେନାପତିଙ୍କ ସହ ସୋ ରୁମ୍‌ର ମାଲିକ ସସ୍ମିତା ପଣ୍ଡା, ଏବଂ ଫର୍ଣ୍ଣିଚର ଓ୍ୱାଲ୍ଡ ର ମାଲିକ ଚନ୍ଦନ ପଣ୍ଡା ଏବଂ ମୟୁରଭଞ୍ଜ ଜିଲ୍ଲା ର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଫିନେଷ୍ଟା ର ବାରିପଦା ସୋ ରୁମ୍ ମାଲିକ ସୁସ୍ମିତା ପଣ୍ଡା କହିଛନ୍ତି କି



ଫିନେଷ୍ଟା ଭାରତର ବଜାର ର ଏକ ନଂ କମ୍ପାନୀ ଏବେ ବାରିପଦା ବାସିନ୍ଦା ଙ୍କ ହାତ ପାଖରେ,ଏହି ବ୍ରାଣ୍ଡ ର ସମସ୍ତ ଉପକରଣ ଲୋକଙ୍କ ପାଖରେ ସୁବିଧା ଏବଂ କମ୍ ମୂଲ୍ୟରେ ପହଞ୍ଚାଇବାକୁ ଏହି ସୋରୁମ ର ମୂଳ ଲକ୍ଷ ରଖିଛି ।, ପ୍ରଥମ ଦିନ ରେ ଅତ୍ୟାଧୁନିକ ଘର ପାଇଁ ଉପକରଣ ଉପସ୍ଥିତ ଗ୍ରାହକଙ୍କ ମନ ଛୁଇଁ ପାରିଥିଲା । ଗୋଟିଏ ଛାତ ତଳେ ଗ୍ରାନାଇଟ ,ଉନ୍ନତ କମ୍ପାନୀ ର ଟାଇଲ ଠୁ ଆରମ୍ଭ କରି ମଡୁଲାର କିଚେନ ଏବଂ କବାଟ,ଝରକା ଏବଂ ସୋଫା,ଡାଇନିଙ୍ଗ ଟେବୁଲ ଏବଂ ଘର ର ସୈନ୍ଦର୍ଯ୍ୟ ପାଇଁ ଅନେକ ହୋମ ଡେକରେଟିଭ ସାମଗ୍ରୀ ଏଠାରେ ମିଳିପାରିବ ବୋଲି କହିଛନ୍ତି ଚନ୍ଦନ କୁମାର ପଣ୍ଡା ।

❒ ସମ୍ପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida